କବି ଶ୍ରୀ ଗୋଲେଖଚନ୍ଦ୍ର ସେନାପତି

ନାରକାସୁର ବଧ

ଗୀତାଭିନୟ ।

ଶ୍ରୀ ଗୋଲେଖଚନ୍ଦ୍ର ସେନାପତିଙ୍କ ଦ୍ୱାରା
ରଚିତ ଓ ପ୍ରଥମବାର ପ୍ରକାଶିତ ।

କଟକ, ଚନ୍ଦ୍ରୋଦୟ ଯନ୍ତ୍ରାଳୟରେ ମୁଦ୍ରିତ ।

Printed by H. K. Das,
Chandrodaya Press,
CUTTACK.
1931.

ମୂଲ୍ୟ [redacted]

GPNanda Colln., Digitized by srujanika@gmail.com

ପୁରୁଷ-ଗଣ ।

ନାରକା	... ...	ଜ୍ୟୋତିଷ ଗ୍ରାମ ରଜା ।
ମହୋଦତ୍ତ		ନାରକାର ମନ୍ତ୍ରୀ ।
ଇନ୍ଦ୍ର		ଅମର ଅଧିପତି ।
ବୃହସ୍ପତି		ଇନ୍ଦ୍ରର ଗୁରୁ ।
ଶ୍ରୀକୃଷ୍ଣ	...	ଦ୍ୱାରକାର ଅଧିପତି ।
ହ୍ୱାଓ୍ୟାଲସିଙ୍ଗ୍	...	ନାରକା ଦୂତ ।
ମୁରଦାନବ	...	ନାରକାର ଭାଇ
ତାମ୍ରଶୀର ଅନ୍ତରୀକ୍ଷ ଶ୍ରବଣ ପ୍ରବଣ ବିଦ୍ୟାବସୁ ନରଷ୍ଟିକ ବସୁଶୀର	...	ମୁରଦାନବର ପୁତ୍ର ।
ଗରୁଡ଼	...	ବିନତାର ପୁତ୍ର ।
ଭୂମି		ନାରକାର ବାପ
ଭଗଦତ୍ତ	...	ନାରକାର ପୁତ୍ର ।

ସ୍ତ୍ରୀ-ଗଣ ।

ସତ୍ୟଭାମା	... ...	ଶ୍ରୀକୃଷ୍ଣଙ୍କ-ସ୍ତ୍ରୀ
ଶଚିଦେବୀ		ଇନ୍ଦ୍ରର-ସ୍ତ୍ରୀ ।
ମାଳତୀ	... ...	ଶଚୀର-ଦାସୀ ।

GPNanda Colln., Digitized by srujanika@gmail.com

(ନଃ ଓ ନଟୀ ପ୍ରଃ)

ନଟୀ--ଗୀତ ଗାଇ ଗାଇ ପ୍ରବେଶ !

(ଯେଣୁଯାଅ ଦୂତ ଦୁହିତ—ବୃତ୍ତେ)

କି ଆନନ୍ଦେ ଭାସୁଛି ଧରା, ଦେଖି ଏ ଜନ ମନୋହାରୀ । କି
ନବ ରଙ୍ଗରେ ପ୍ରେମସାଗରେ ହୋଇ ଅଧିରା । ୧ । ମିଳି ସକଳ
ଦର୍ଶକେ, ବସିଛନ୍ତି କଉତୁକେ, କି ନାଟକେ ତୋଷିବ ଚଉ
କେବା ତାଙ୍କ ସୁଖ ପାଶୋରା ।୨। ସାଗର ଲହରୀ ଦେଖି, ସିନ୍ଧୁଡ଼
ନ ହୁଏ ଅଖି, କଣ୍ଠ ମୋ ଯାଉଛି ସୁଖି ସହିବକ ଢେଉଦ୍ଧରା । ୩ ।
ଅରେଅସି ପୀତବାସ ହୃଦୟେ ଦିଅ ସାହାସ, ସାଗରେ ନୋନ୍ତୁ
ମୋ ଦାସ ତୁମ୍ଭ ନାମକରେ ସାରା । ୪ ।

ନଟ—ଚନ୍ଦ୍ରାନନେ ! କମ୍ପା ମନ ଦୁଃଖ ତବ ଭାବୁଅଛ କିସ ରହି, ରଙ୍ଗ ଭୂମିପରେ ମନକଥା କରନ୍ତୁ ପ୍ରକାଶ ।

ନଟୀ—ନଟ ଶିରୋମଣି ଦେଖି ମୁଗ୍ଧ ଦର୍ଶକମଣ୍ଡଳୀ ଖ୍ରୀତନ୍ତୁଦେ ଜନ୍ମିଛି ମୋହର, ଭାବୁଛି ମୁଁ ମନେ କି ନାଟକେ ତୋଷିବି ମୁଁ ସର୍ବ ସଦଗଣେ ମହା ମହା ପଣ୍ଡିତ ରହି ଅଛନ୍ତି ଏ ସ୍ଥାନେ ।

ନଟ—ପ୍ରିୟେ ! ଭୟ ଯେଉଁଠାରେ, ଜୟ ସେହିଠାରେ, ତେବେ ମନୁ କଷ୍ଟକର ଦୂର ଶୁଣ ମମ ମନର ବାସନା, ଦ୍ୱାରକା ଲୀଲାରୁ ଏକ ଅପୂର୍ବ ବିଷୟ ପଡ଼ିଛି ମୋ ମନେ ।

ନଟୀ—କେଉଁ ବିଷୟ ନାଥ !

ନଟ—ପ୍ରିୟେ ! ନାରକାବଧ ଚରିତ୍ର କରନ୍ତୁ ପ୍ରକାଶ, ବିଷୟଟି ଅଟେ ପୌରାଣିକ ଶୁଣି ଦର୍ଶକ ସକଳେ ହେବେ ଆନନ୍ଦିତ ।

ନଟୀ—ନାଥ ! ସତେ ଏ ଦୁଃଖ ଲେଖକେ ହେବ ପ୍ରକାଶିତ ?

ନଟ—ହଁ ପ୍ରିୟେ । ମହା ମହା ପଣ୍ଡିତ ରହି ଅଛନ୍ତି ଏ ସ୍ଥାନେ । ଯଦି ଭୁଲ୍‌ଥାଏ କିଛି ଏ କ୍ଷୁଦ୍ର ଲେଖକେ ହେଉଛେଳ ଦୋଷ କ୍ଷମାକରିବେ ଅବଶ୍ୟ ?

ନଟୀ—ଭୁଲନାଥ ! ସଜାଇବା ଅଭିନେକି ଦଳେ ?

GPNanda Colln., Digitized by srujanika@gmail.com

ନାରକାସୁର ବଧ ।

(ଗୀତାଭିନୟ)

୧ମ ଅଙ୍କ ।

ପ୍ରଥମଦୃଶ୍ୟ ।

(ନାରକା ମନ୍ତ୍ରୀ ସହ ପ୍ରବେଶ-ରାଜସଭା)

ନାରକା—ମନ୍ତ୍ରୀ ଯେତେଦିନ କରନ୍ତି ଭ୍ରମଣ ନୃପତିଙ୍କୁ କରି ମୁଁ ପରାସ୍ତ ଲକ୍ଷେ କନ୍ୟା ଅଣିଛି ମୋବାସେ ଶକ୍ତିବାନ ବଳବନ୍ତ ଅଛି କାହାଠାରେ ସମକକ୍ଷ ହେବ ମୋର ରଣେ ।

ମନ୍ତ୍ରୀ—ନା ମହାରାଜ, ଆପଣଙ୍କ ପରି, ଶକ୍ତିବାନ ଓ ବଳବନ୍ତ ଅଛି କାହାଠାରେ ଯୁଦ୍ଧସ୍ଥଳେ କରିବ ପରାସ୍ତ ଏହା କେବେ ନୁହେଁ ।

ନାରକା—ମନ୍ତ୍ରୀ-ସ୍ୱର୍ଣ୍ଣ ନୀଳା ବୈଦୂର୍ଯ୍ୟ ନାନା ରତ୍ନେ ପୂର ହୋଇଛି ମଣ୍ଡିତ ନଦୀ ହ୍ରଦ ତଡ଼ାଗିକା, ଅ... ମାନେ ପୂର ଅଛନ୍ତି ମୋ ରାଜ୍ୟେ ସ୍ୱର୍ଗଠାରୁ ବଳି ମୋର ରାଜ୍ୟ କାହିଁତ ଅଭାବ କହ ମନ୍ତ୍ରି ।

(ମନମଧ୍ୟେ ଭାବ)

ମନ୍ତ୍ରୀ—ମହାରାଜ, ରହିଛି ଅଭାବ ?

ନାରକା—କି ଅଭାବ କହ ମନ୍ତ୍ରୀ ?

ମନ୍ତ୍ରୀ—ମହାରାଜ ରଖିଅଛନ୍ତି ସୁନାସିର ନିକଟରେ ତାର ମଣିଗିରି ବରୁଣଛତ୍ର ଅମୃତ କୁଣ୍ଡଳ କାହିଁ ଏହି ରାଜବାଟୀ ମଧ୍ୟେ ସେ ପଦାର୍ଥ ପେଷି ଦୂତ ସୁନାସିର ପାଖେ ଘେନି ଆସ ବିଷୟ ତାନଙ୍କୁ ତାର ଯୋଗୁ ରାଜସଭା ଦକ୍ଷେ ଶୁଣୁଛି ର ।

GPNanda Colln., Digitized by srujanika@gmail.com

ନାରକା--ମନ୍ତ୍ରି କ କହିଲୁ ଅସି ମୋ ନିକଟେ ମୋର ସର୍ବଯୋଗ୍ୟ ସେ ଅଟେ,ରଖିଛୁ ପାପି ବାସବ ନିକଟରେ ତାର, ଡାକେକା ହୋଇଲି ମନ୍ତ୍ରୀ ଶୁଣି ଏ ଘଟଣା ।

ନାରକା--(ଗୀତ-ଡାକେକାହୋଇଲ--ବୃତ୍ତେ)

ହେ ମନ୍ତ୍ରୀ ଡାକେକା ହୋଇଲି ଶୁଣି ଡାକ ଦୂତକୁ ମୋନିକଟରେ । ପଦ । ଯିବ ମୋ ଆଦେଶ ପାଳି, ଅମର ଭବନେ ମେଳି, ପାପି ବାସବ କହି କହୁ ଅକଟରେ । ୧ । ଅମୃତ କୁଣ୍ଡଳ ବେନି, ବରୁଣ ଛତ୍ରକୁ ଦେନି. ଅସୁ କରେ ବହି ଝୀଟଲମ୍ପଟରେ । ୨ । ଯେବେ ସେ କରିବ ଆଣ୍ଠ, ଯିବ ଘେନି ସଙ୍ଗେ ଥାଟ ଛଡ଼ାଇ ଦେବ ତାହାର ମନ ମୋଟରେ । ୩ । ପାପି ବାସବର ମୁଣ୍ଡ ଖଣ୍ଡେ କରି ଖଣ୍ଡ ଖଣ୍ଡ ତା ରୁଧିର ପାନେ ଶତ୍ରୁ ଦେବ ହୃଷ୍ଟରେ । ୪ । ବିଳମ୍ବ ନ କରି ମନ୍ତ୍ରୀ କର ସଦ୍ଧାର୍ଯ୍ୟ ଝଟେତ, କହେ ଗୋଲେଖ ଛୁଡ଼ୁ ମନ ରଣ୍ଟରେ । ୫ ।

ଦୂତର ପ୍ରବେଶ ।

(ଭୋଠାରୁ କାହିଁ ରସାବଳୀ--ବୃତ୍ତେ)

ଯାଇ ଏ ପୋଡ଼ାଗ୍ରହର, କପାଳିବ କରି, ନକଲେ ଦଉଡ଼ା, ଦେଇ କାନମୋଡ଼ା, ଘୋସାରିବେ ମାରି ମାରି । ୧ । ରାଜା ପିହଦ୍ୱାର, ନଥିଲେ ହାଜର, ଉଲ୍ଟେ ଗ୍ରୁଡୁଥିବେ ହରି । ୨ । ଆସନ୍ତେ ଦଉଡ଼, ମାଡ଼ିବେ ଚଢ଼ି, ମାଗିଲେ ନ ଦେବେ ବାରି । ୩ । ରହିଅଛୁ ଲେଖା ଦରମା ଟଙ୍କା, ଏଥକୁ ଭରସା ହରି । ୪ ।

ନରକା- ହେ ଲିଓ୍ୟାଲ ସିଙ୍ଗ, ଯାଅ ତୁହ ବାସବ ନିକଟ ପାଶ

GPNanda Colln., Digitized by srujanika@gmail.com

ମୋ ଆଦେଶ ବହ୍ନ ଶିରେ, ମଣିଗିର ବରୁଣ ଛତ୍ରକୁ ଅମୃତ କୁଣ୍ଡଳ ଯେନି ଆସ ମୋ ନିକଟେ ତା ନୋହିଲେ ପଶି ସ୍ୱର୍ଗଅଳେ ଭଙ୍ଗି ଅମର ମନ୍ଦର ମାଡ଼ିବସ ସମୁଦ୍ର, ଶଚ- ସହ ଆଣିବ ଏ ସ୍ଥାନେ ଯାଅବୃତ ବିଳମ୍ବ ନକର ମନ୍ତ୍ରୀ ଦେଉ ସଭାଭଙ୍ଗ ।

(ନାରକାର ପ୍ରସ୍ଥାନ)

ଦ୍ୱିତୀୟ ଦୃଶ୍ୟ ।

(ଅପସରାଙ୍କ ପ୍ରବେଶ)

ଗୀତ ।

ନୂତନବସନ୍ତ ନୂତନମରୁତ ନୂତନ୍ତର ବାସ ପିନ୍ଧ ଆସ ଗୋ ମିତ, ନୂତନ ତାନରେ ନୂତନ ଗାନରେ ନୂତନ ପୁଷ୍ପରେ ନୂତନ ହାର ଗୁନ୍ଥି । ୧ । ମଲ୍ଲିମାଳତୀ ଯାଇ ଯୁଇ ସେବତୀ ସୁନାସିର କଣ୍ଠ ଦେବା ତୋଷିବା ମତି; ନାଚ ଯିବା ଢ଼ଳି ଢ଼ଳି ଦେଇ ପ୍ରେମେ କରତାଳି ଗାଇ ସଙ୍ଗୀତ ତୋଷ ଗୋଲକ ଶଉ । ୨ ।

(ଅପସରାଙ୍କ ପ୍ରସ୍ଥାନ)

ତୃତୀୟ ଦୃଶ୍ୟ ।

(ଇନ୍ଦ୍ର ଗୁରୁ ବୃହସ୍ପତିଙ୍କ ପ୍ରବେଶ)

ଇନ୍ଦ୍ର--କହ ଗୁରୁ କମ୍ପା ବାମବାହୁ କମ୍ପୁଛି ମୋହର ଜଣାଯାଏ, ବାଧକ ହୋଇବ ଘଟଣା ରାକ୍ଷସଙ୍କ କଥା ଭାବ ମନେ କମ୍ପୁଅଛି ହୃଦ କହ ଗୁରୁ ଏଥିର ଉପାୟ ପିଣ୍ଡରୁକ ପ୍ରାଣ ଯିବ ଗୁଡ଼ି ।

ଗୁରୁ--ଶଚପତି ଏପରି କାତର ହେବା କାରଣ କଣ, ସ୍ଥିରଭାବେ ବସନ୍ତୁ ଅସ୍ଥାନେ ।

GPNanda Colln., Digitized by srujanika@gmail.com

(ଛନ୍ଦ ଗୀତ ଧନ୍ୟ ଏ ଦ୍ୱାରକାପୁର—ବୃତ୍ତ)

ଗୁରୁ ବୃହସ୍ପତି ଶୁଣ, ଯେଣୁ ଭୟର କାରଣ, ହେଉଅଛି ହୃଦୟରେ ମୋର । ଯେଉଁଦିନୁ ଇନ୍ଦ୍ରପଦ, ଶିରେ ଢାଳିଲେ ଗୋବିନ୍ଦ, ସେହି ଦିନୁ ପଡ଼ିଲା ପ୍ରମାଦ ହେ ଗୁରୁଦେବ । ୧ । ଆସି ଦୁର୍ଦ୍ଦାନ୍ତ ଦାନବ, ରଚଣ ବନ୍ଦି ମତ୍ତଗର୍ବ, ବେଢ଼ୁବେଲ ଘଟାଇଲେ ମନ୍ଦ । ପଶି ଅମର ମନ୍ଦିର ଭାଙ୍ଗି କଲେ ଛାରଖାର, ଯେତେ କରନ୍ତି ମୋ ସଙ୍ଗେ ଦ୍ୱନ୍ଦ । ୨ । ବଜ୍ରଧାରୀ ନାମ ବହି, ଲଜ୍ଜାରେ ନହୁଏ କହି, କମ୍ପି ଛୁଡ଼ ନ ଯାଉଛି ଜୀବ । ଚିନ୍ତା ରୋଗ ବେଢ଼ୁବେଲ, ଆସି ହୋଇଲା ପ୍ରବଳ ଲୋଡ଼ା ନାହିଁ ଏ ସମ୍ପଦ ହେ ଗୁରୁଦେବ । ୩

ଗୁରୁ—ଶଚିପତି ଶୁଣ ଶ୍ରୁତି ଡେରି, ଯାହା କହୁଅଛି ମୁହିଁ

(ଗୀତ ଚିନ୍ତା ତେଜ ମନୁ ଆଜ ହେ — ବୃତ୍ତ)

ମନୁ ଚିନ୍ତା କର ଦୂର, ହେ ବାସବ ମହାରାଜ । କେ କେତେ ରାକ୍ଷସ ହୋଇଛନ୍ତି ନାଶ, ଅଛି ଦେବଙ୍କ ସମାଜ ସୁର ଅସୁର ହିରଣାକ୍ଷ ବୀର ଆବର ଯେ ବଂଶଭୁଜ । ୧ । କୁମ୍ଭ କର୍ଣ୍ଣ ଆଦି ଇନ୍ଦ୍ରଜିତ ବଧି ଉଶ୍ୱାସି ଅବନୀ ଭାର କଂସାସୁର ପଡ଼ି, ପ୍ରାଣଗଲା ଛାଡ଼ି ଦେଖି ଯେଉଁ ଚତୁର୍ଭୁଜ । ୨ । ଭକତ ବତ୍ସଳ ଭକତଙ୍କ ହିତେ ହୋଇଛନ୍ତି ଅବତାର । ସେ ନାମକୁ ଚିତ୍ତେ ଘେନ ଅନ୍ତରତେ ମାଗେ ଗୋଲକ ପଦର । ୨ ।

ଇନ୍ଦ୍ର—ମହାଶୟ ! ଯାହା କହିଲ ତାହା ଯଥେଷ୍ଟ, ଯାହାଲାଗି ପାଇଅଛି ଇନ୍ଦ୍ରପଦ ମୁହିଁ । ସେ ପଦେ କେ ଦେଇପାରେ ବାଧା । କି କରିବେ ପାପିଷ୍ଠ ରାକ୍ଷସେ । ମହାଶୟ କିନ୍ତୁ ସେଗୁଡ଼ାକ ପଢ଼ିବାରୁ ମନେ । ବାଣାଘାତ ସମ କମ୍ପିଉଠେ ହୃଦ, ତେବେ ଏତିକିରେ ହେଉ ସଭା ଭଙ୍ଗ

GPNanda Colln., Digitized by srujanika@gmail.com

ଦାସୀ ଓ ଶଚୀର ପ୍ରବେଶ ।

ଚତୁର୍ଥ ଦୃଶ୍ୟ ।

(ଇନ୍ଦ୍ର ବୃହସ୍ପତିଙ୍କର ପ୍ରସ୍ଥାନ)

ଶଚୀ— ଦାସୀ, କାଲି ରାତ୍ରରେ, ମୁଁ ଗୋଟିଏ ଅଦ୍ଭୁତ ସ୍ୱପ୍ନ ଦେଖିଛି ସେତେବେଳଠାରୁ ମୋର ମନଟା କେତେ ଅଡୁଆ ପାପ ଛୁଉଁଛି ।

ଦାସୀ— ମହାଦେଈ କି ସ୍ୱପ୍ନ ଦେଖିଲେ ଏପରି ବ୍ୟସ୍ତ ହେଉଛନ୍ତି?

ଶଚୀ— ଦାସୀ ଗୋଟାଏ ଏ ରାକ୍ଷସ ଆସି ରାଜାଙ୍କୁ ଯୁଦ୍ଧରେ ବିନାଶ କରି ସକଳ ଧନ ରତ୍ନସବୁ ମୋଠେ ନେଇ ଯାଉଛି ସେ ସ୍ୱପ୍ନ ଦେଖିଲା ବେଳଠାରୁ ମୋ ମନରେ ଘୋର ଚିନ୍ତା, ଦାସୀ ଏହାର କାରଣ କଣ ।

ଦାସୀ— ମହାଦେଈ, ସ୍ୱପ୍ନଟା କିଛି ନୁହେଁ । ମଥାଟା ତେଜ ଥିଲେ ମନଟା ଘୂରିଆଡ଼େ ଭ୍ରମେ । ତାକୁ ମନରେ କୌଣସି କଷ୍ଟ ଆଣିବା ଉଚିତ ନୁହେଁ ।

ଶଚୀ— ଦାସୀ ସ୍ୱପ୍ନ କେତେକ ସଫଳବତୀ ହୋଇପାରେ ଏତେବେଳଯାଏ ରାଜାଙ୍କର ସାକ୍ଷାତ୍ ନାହିଁ ।

ଦାସୀ— ମହାଦେଈ ହେଇ ରାଜାଙ୍କ ଆସିଲାପରି ଜଣାଯାଉଛି, ମୁଁ ଯାଏ ଅନ୍ତରାଳେ ।

(ଇନ୍ଦ୍ର ପ୍ରବେଶ—ଶଚୀର କଥା)

ଶଚୀ— ନାଥ ଆପଣଙ୍କ ମୁଖ ଏପରି ବିରସ ଦେଖାଯାଉଛି କାହିଁକି କେବେତ ଏ ଭାବ ଆପଣଙ୍କର ନଥିଲା
ନାଥ— ଏ ଦାସୀର ନିବେଦନ ଶୁଣାକରନ୍ତୁ ?

(ଗୀତ — ବୁଢ଼ା ନ ମଲରେ କୁନ୍ତନନ୍ଦନ ବୃତ୍ତ)

ନାଥ ବିରସ କିମ୍ପାଇଁ ବଦନ, ଦେଖି ତୁମ୍ଭ ସ୍ୱାନ୍ତ ମନେ ଲାଗେ
ସ୍ୱତ ପୂରୁଛି ଲୋତକ ନୟନ । ପଦ । କିବା ଦୋଷ ମୁଁ କରଛି

GPNanda Colln., Digitized by srujanika@gmail.com

ଶ୍ରୀପଦେ, ଅନୁରାଗ ହେଉଅଛନ୍ତି ହୃଦେ, ଧରୁଛି ଚରଣ, କହନ୍ତୁ କାରଣ, ନକର ଦାସୀଠାରେ ମାନ । ୧ । ଏତେ ନିର୍ଦ୍ଦୟ ସେବକ ଜନରେ, ବସି ରହିଅଛ ଅଭିମାନରେ, ମୋହ ପ୍ରତି ଆଶ, ନାହିଁକି ଜୀବେଶ ନରଖି ବଞ୍ଚେ ନ ଜୀବନ । ୨ ।

ଇନ୍ଦ୍ର—ପ୍ରିୟେ ତୁମ୍ଭ ପରେ ମୋ ମନରେ କୌଣସି କଷ୍ଟ କବା ଅନୁରାଗ ଅଛି, ଏହା କେବେ ନୁହେଁ । କାରଣ ରାକ୍ଷସଙ୍କ ଭୟରୁ କାଳେ କାଳେ ନଗଲା ଏହି ଦୁଃଖର ବିଷୟ ଅମର ସମ୍ପଦ ଭୋଗକଲେ ସୁଧା ସଦାବେଳ ରାକ୍ଷସଙ୍କ ଭୟ ଜଡ଼ିତ ହୋଇ ହୃଦଟା ବିଦୀର୍ଣ୍ଣ ହେଉଛି ।

ଶଚୀ-ଗୀତ । ନାଥ ମୁଁ କହୁଛି ଶୁଣନ୍ତୁ ।

ଭରସା ସଦା ଯାହାର ଶ୍ରୀହରି, ଦୈତ୍ୟ ନାଶନ୍ତି ନାମ ଦଇତାରି । ଛାଡ଼ି ଅଭିମାନ ହେ ଜୀବଜୀବନ ହୃଦୟରେ କରନ୍ତୁ ଧ୍ୟାନ । ୩ ।

ଇନ୍ଦ୍ର—ପ୍ରିୟେ, ଧନ୍ୟ ତୁମ୍ଭର ବୁଦ୍ଧି, ଧନ୍ୟ ତୁମ୍ଭର ଭକ୍ତି ।

(ଗୀତ—ଗଲା ଗଲା ରେ ଲକ୍ଷ୍ମଣ)

ଧନ୍ୟ ଧନ୍ୟ ଧନ୍ୟରେ ରମଣୀ ହରିଙ୍କ ଚରଣେ ରଖିଲୁ ରତି ।
ଦୁଃଖର ଉତ୍ତଳ ଭକତ ବନ୍ଧରେ ବନ୍ଦୀ ହେଲୁତ । ପଦ ।
ତୋହ ପରି ଯେ ବୁଦ୍ଧିମାନ, ନ ଦେଖିଛି ନାରୀ ରତନ, ପିକ ଭାଷି ମନ, ମୋହ ନେଲୁତ । ୨ । ଅସ ପ୍ରେମଶିଳାରେ ଅସ ରତ୍ନ ଦାନେ ମୋ ମତ ତୋଷ ଗୋଲୋକେ ଖଳୁ ପାଟେଶ କୀଣା କଲୁତ ।୩।

ଶଚୀ—ନାଥ ଏ ଦାସୀକି ଛଳନା କରନ୍ତୁ ନାହିଁ ।

ଇନ୍ଦ୍ର—ନା ପ୍ରିୟେ—ଛଳନା କାହାକୁ କରିବ ।

GPNanda Colln., Digitized by srujanika@gmail.com

(ଦୂତ—ପ୍ରବେଶ)

କଥା—ଏହି ଇନ୍ଦ୍ରପୁର ! ପାପିଷ୍ଠ ଅଛୁ କେଉଁଠାରେ

ଗୀତ (ଅରେ ପାପମତ ଅନ୍ଧର ନନ୍ଦନ—ବୃତ୍ତେ)

ଅରେ ଅରେ ଇନ୍ଦ୍ର ପାପମତିମନ୍ଦ, କେଣେ ଅଛୁ ବେଗେ ଆସ, ଅରେ ଇନ୍ଦ୍ରରେ ଜ୍ୟୋତିଷାଧିଶ୍ୱର, ଅଦେଶ ଶଙ୍କର ଘେନ ଅସିଛୁ ତୋ ପାଶ, ଅରେ ଇନ୍ଦ୍ର । ୧ । ଏମଣି ପର୍ବତ ଅମୃତ କୁଣ୍ଡଳ ବରୁଣ ଛତ୍ର ସହିତେ । ଘେନଣ ଝଟତି,ଦେଇ ତାଙ୍କ କତ ' ନୋହିଲେ ସଙ୍ଗତେ ଘେନ ସୈନ୍ୟ ସେନା ନାଶିବେ ତୋ ସ୍ୱର୍ଗପୁର ବଳେ ସର୍ବ ନେବେ ହର ଗୋଲେଖ ବଗୁର ହେବୁ ହାରବର । ୩ ।

ଇନ୍ଦ୍ର—କହ କଏ ସେ ଦୁରାତ୍ମା ଏଥି ଉପଗତ ।

ଦୂତ—ଜ୍ୟୋତିଷ ଗ୍ରାମ ତାରକାସୁରର ମୁଁ ଦୂତ ।

ଇନ୍ଦ୍ର—କମ୍ପା ତୁହି ସ୍ୱର୍ଗ ଆସି କରୁ ମହାଗୋଳ

ଦୂତ—ଘେନଯାଅ ମଣିଗିରି ସହ ଅମୃତ କୁଣ୍ଡଳ

ଇନ୍ଦ୍ର—ନ ନେଲେ ତୋ ରାଜା କସ କରିବ ଆମ୍ଭର

ଦୂତ—ବାଡ଼ ସାଗରେ ଫିଙ୍ଗବେ ଅମର ମନ୍ଦର

ଇନ୍ଦ୍ର—ରେ ମୂର୍ଖ କହନା ବଢ଼ାଇ କଥା ବଢ଼ି ବଢ଼ି ତୁହି

ଦୂତ—ରେ ବର୍ବର ଅଗ୍ନି ମଧ୍ୟେ କେଶ ଧରି ପକାଇବେ ନେଇ

ଇନ୍ଦ୍ର—କେ ଅଛରେ ପାପିଷ୍ଠକୁ ତଡ଼ାଦଅ ମାରି

ଦୂତ—ରେ ନିର୍ଲଜ ମରଣକାଳ ଆସି ଘଟିଲା ତୋହରି

ଇନ୍ଦ୍ର ଗୀତ (ଧକାଦେଇ ଅକୁ—ବୃତ୍ତେ)

ଅରେ ଅରେ ଦୁଷ୍ଟ ଖଣ୍ଡ ପାପିରେ, କେ ରଖିବ ତୋତେ ରକ୍ଷୁ ଆଜରେ । ପଦ । ବଢ଼ି ବଢ଼ି ତୁଚ୍ଛ କହୁଛୁ କଥା, ଖଣ୍ଡ ଖଣ୍ଡକରି କାଟିବି ମଥା, ରେ ପାଷାଣ୍ଡ ଭଣ୍ଡ ହେବୁ, ଲଣ୍ଡ ଭଣ୍ଡ ନ ରହିବ

GPNanda Colln., Digitized by srujanika@gmail.com

ତୋର ଏତେତେଜରେ । ୧ । ଦୁତ ବୋଲି ଉପ୍ରୋଧ କରେ ତୋତେ, ଭଲଗତ ଥିଲେ ପଳାରେ ପଥେ, ନିଶାଚର ଶ୍ରୁର, କ୍ଷମତା ତାର ଅସିଅଛୁ ଗୋଲେଖ ନାମ ଭଜ ।

ଇନ୍ଦ୍ର—ଦୂର ହୋ ପାମର ମୋର ସମ୍ମୁଖରୁ, ରେ ଦୂତ କହଯାଇ ସେନାସଦଗଣେ ରଣରଙ୍ଗେ ହୁଅନ୍ତୁ ସଜ୍ଜିତ ଜଣାଯାଏ ରଣ ଗୋଳ ହେବା ସୁନିଶ୍ଚିତ ।

ଦୂତ—ଯେ ଆଜ୍ଞା । (ଇନ୍ଦ୍ର ପ୍ରସ୍ଥାନ)

(ନାରକା ମନ୍ତ୍ରୀସହ ପ୍ରବେଶ)

ରଜା—ହେ ମନ୍ତ୍ରି ଯାଇଥିଲା ଦୂତ ବାସବ ନିକଟେ ନ ଫେରିଲା କପାଁ ଏ ପର୍ଯ୍ୟନ୍ତ ?

ମନ୍ତ୍ରୀ—ମହାରଜ ସ୍ଥିରହୋଇ ବସନ୍ତୁ ଅସ୍ଥାନେ ଦୂରେ ଜଣାଯାଏ ଅସୁଅଛୁ ଦୂତ ମୁହୂର୍ତ୍ତକ ମଧ୍ୟେ ଶୁଣାଯିବ ସକଳ ବୃତ୍ତାନ୍ତ ?

ଦୂତ—ମହାରଜ ପ୍ରଣାମ ଶ୍ରୀପଦେ

ନାରକା—କେ ହେୟ୍ଯାଲ ସିଙ୍ଗ

ଦୂତ—ଆଜ୍ଞା ମହାରଜ ?

ନାରକା—ଦୂତ ଅଣିଛୁତ ମଣିଗିର ବରୁଣଛତ୍ର ଅମୃତ କୁଣ୍ଡଳ କପାଁ ଏତେ ହୋଇଲା ବିଲମ୍ବ ?

ଦୂତ – ମହାରଜ ଶୁଣ ବାରେ ଅଧୀନର ଦୁଃଖ, ଯାଇଁ ପ୍ରବେଶିଲି ଇନ୍ଦ୍ରକଟ ଏ ସମସ୍ତ ମାଗନ୍ତେ ମୁଁ ତାକୁ ଭର୍ତ୍ସନା କରି ଅନେକ କହିଲା ତୁମ୍ଭଙ୍କୁ ଦୂତହସ୍ତେ ଯେତେ ମୋତେ ମରିଇଛୁ ମାତ୍ର କ୍ଷଣେ ଥିଲେ ରହି ସେ ସ୍ଥାନରେ ଧର-ଖଡ୍ଗେ କାଟିଥାନ୍ତା ଶିର ଶୀଘ୍ରମୁକେ ଜଣାଇଲି ସମସ୍ତ କାରଣ ବିଗ୍ରହକରନ୍ତୁ କାର୍ଯ୍ୟ ଜ୍ୟେଷ୍ଠଷାଧୀଶ୍ବର ।

GPNanda Colln., Digitized by srujanika@gmail.com

ନାରକା — ମନ୍ତ୍ରୀ ସାଯସୈନ୍ୟ ବଳମ୍ ନକର ଭଙ୍ଗି ଅମର ମନ୍ଦର
ଶତସହ୍ର ଅସିବ ଏସ୍ଥାନେ କି କହିଲ ଖଣ୍ଡ ନରାଧମ ।

ଗୀତ (ଗୁଡଲ ଧରମ ଡାକୁ-ବୃତ୍ତେ)

ଆରେ ରେ ବାସବ କାଲ ପୂରିଲା ତୋ ଆଜ । ଦେଖିବ ରକ୍ଷା କେ ତୋତେ କରିବ ରେ ପାଜ । ୧ । କାହା ଭରସାରେ କହୁଅଛୁ ବଡ଼ି ବଡ଼ି । ଝାଡ଼ିବ ତା ଦାନ୍ତକୁ ବୁକୁରେ ଯିବ ଚଢ଼ି । ୨ । ବେଳଫାଲ କରି ତା ଅନ୍ତକୁ ଦେବ ଫାଡ଼ ରୁଧିର କରିବ ପାନ ମୁଣ୍ଡକୁ କାମୋଡ଼ି । ୩ । ଅମରାବତୀକୁ ତଡ଼ି ମାରିବ ସାଗରେ । ବଡ଼ିମାପଣ ଗୁଡ଼ିବ ଘଡ଼ିକ ମଧ୍ୟରେ । ୪ । ସାଯରେ ସାଯରେ ମନ୍ତ୍ରି ମୋର ଥାଉ । ବେଢ଼ି ପୁରନ୍ଦରେ ତାକୁ ନ ଗୁଡ଼ରେ ବାଉ । ୫ ।

(ନାରକା ପ୍ରସ୍ଥାନ)

(ଇନ୍ଦ୍ର ବୃହସ୍ପତି ପ୍ରବେଶ)

ଇନ୍ଦ୍ର — ଗୁରୁଦେବ ଶୁଭୁଅଛି ଅସୁରଙ୍କ କୋଲାହଳ ନାଦ
ଗୁରୁ — କାତର ନ ହୁଅ ଶ୍ରମା ଦମ୍ଭ କର ହୃଦ ?
ଇନ୍ଦ୍ର — ଜଣାଯାଏ ମହାଗୋଳ କରିବେ ରାକ୍ଷସେ
ଗୁରୁ — କର ଯୁଦ୍ଧ ଫଳା ଫଳ ଜଣାଯିବ ଶେଷେ ?
ଇନ୍ଦ୍ର — ଅସନ୍ତ ଅସୁର ସୈନ୍ୟମାନେ ହୁଅନ୍ତୁ ପ୍ରସ୍ତୁତ
ଗୁରୁ — ଅସ୍ତ୍ର ଶସ୍ତ୍ରଧରି ସୈନ୍ୟ ଛନ୍ତି ଉପସ୍ଥିତ ?
ନାରକା — ରେରେ ଇନ୍ଦ୍ର ତୋର ପୂରିଲାଣି କାଲ ।
ଇନ୍ଦ୍ର — କମ୍ପାଇବ ବର୍ବର ଏଥି କରୁ ଅସି ଗୋଲ
ନାରକା — ନ ଜାଣୁକି ଅଟେ ମୁହିଁ ଜ୍ୟୋତିଷ ଧୂର୍ତ୍ତର ।
ଇନ୍ଦ୍ର — ଜାଣେ ମୁହିଁ ଭୂମି ସୁତ ନାରକାଅସୁର ।
ନାରକା — ଜାଣି କମ୍ପା ନ ଦେଉଛୁ ବରୁଣ ଛନ୍ଦ ଏମଣି ଦେବତ

GPNanda Colln., Digitized by srujanika@gmail.com

ଇନ୍ଦ୍ର-- ଶୁଣ ନିଶାଚର ବୀର ଏତେ ତୋ ଦେମନ୍ତ ।

ନାରକା--କାଟି ରଣେ ଶିରତୋର ଅମର ସମ୍ପଦ ଘେନି ଯିବ ମୁହିଁ

ଇନ୍ଦ୍ର--ରେ ନିର୍ଲଜ୍ଜ ଜଣାଯିବ ଶକ୍ତିର ପରୀକ୍ଷା ଶୁଣ ଯାହା କହୁଅଛୁ ମୁହିଁ ।

ଇନ୍ଦ୍ରର ଗୀତ ।

(ଶୁଣ ଶୁଣ ମୋତେ ପାହାଡ଼ ଧାର ବୃତ୍ତେ)

ନିଲଜ ଦନୁଜ କହ ତୋତେ ଲାଜ ଅସି ହାଣ ବୃଥା ଦେଖାଉ କେତେ । ଅରେ ଜଳ ଜଳା ଭଲ ଥିଲେ ପଳା ବଡ଼ିମା ପଣ ତୋ ଶୁଝିବ ଏଥେ । ୧ । ବେଧାସୁତ ଧାର୍ମିଅଙ୍କ ପରି ରେ ରାକ୍ଷସ ଜନ୍ମ ଅଟେ ତୁମ୍ଭର । ନାଳକ ତୁମ୍ଭର ନ ଗଲା ପାଶୋର ମରଣର ବାଟ ଦିଶୁଛି ଚଟେ । ୨ । ମଟ ମଟ କର ଗୃହଁକୁ ଝଟ ଯାଟରୁ ଜୀବନ ଜୀବରେ ଝଟ । ଟୋଟେଲଖ ଅକ୍ଷ ନୃହ ଭଟ ଉଟ ଢଠ ଉଠଝଟ ଜଳୁପଡ ତୋତେ ଗୃହଁଶ ପଥେ । ୩ ।

(ନାରକା ଗୀତ)-ନୁହେ ଏ ବାଚାଳୀ-ବୃତ୍ତ)

ରେ ସହସ୍ରାକ୍ଷିଅ ବୃଥା, ଘଟାଇଲୁ ମନ୍ଦ, ପାଜି ଆଜି ଖଡଗେ ଛେଦିବି ତୋର କନ୍ଧ । ଥିଲେ ତୋହର ତାରଣ, ନୋଡନ୍ତୁ କମ୍ପ ମରଣ । ବାରଣ କରିଲୁ ଦୂତସଙ୍ଗେ କର ଦ୍ୱନ୍ଦ । ୧ । ଜାଣୁ ଜାଣୁ ଭୁଜଙ୍ଗର, ବିଳରେ ଭରିଲୁ କର । କର କର ଇଷ୍ଟଚିନ୍ତା ଶୁଣ ମନୁ ଖେଦ । ୨ । ନିଲଠ ଅଇଁଠା କୁତ, ଥିଲେ ତୋତେ ଭଲଗତ । ଗୋଲେଖ କହଇ ତୁହି ମାଗନ୍ତୁ କି ଯୁଦ୍ଧ । ୩ ।

(ଯୁଦ୍ଧ ଶେଷେ-ଇନ୍ଦ୍ରର ପଳାୟନ)

(ନାରକା-ଗୀତ-ରହ ପାଜି ପଳାଇ ଯାଉ ବୃତ୍ତେ)

ରହ ରହ ପାଜି କେଣିକି ଯାଉଛରେ, କମ୍ପା ବାନ୍ଧ ହେଲୁ ଶୁଣ୍ଡ

GPNanda Colln., Digitized by srujanika@gmail.com

ଗୃହଁରେ । ଯେଣେ ଯିବୁ ଶେଷେ ତୋତେ ଗୋଡାଇ ମାରିବ । ଅମରାବତୀକୁ ନେଇ ସଂଗରେ ପିଙ୍ଗିବ । ଆସି ରକ୍ଷା କରଥାରେ କେହୁରେ । ୧ । ମୋଡ଼ିବ ମୁଣ୍ଡକୁ ତୋର, ଜେତ୍ର ପରକାର । ଝାଡ଼ିବ ଦାନ୍ତକୁ ତୋର ପାଏଦେବ ଅନ୍ତ ତୋର । ତୋତେ ଗ୍ରାସ କରିଲାଣି ଗ୍ରହରେ । ୨ । କେଉଁ ବାପ ଭରସାରେ ହୋଇବ ତୋହର । ସାତ ବେଣ୍ଟିକର ଚୁଟି କାଟିବରେ ତୋର । ଯାନ୍ତ ଆଜି ପଡ଼ନ୍ତୁ ମୋହ ଦାଉରେ । ୩ ।

ମନ୍ତ୍ରି—ମହାରାଜ ପ୍ରାଣଭୟେ ପାପିଷ୍ଠ ଗଲାଣି ପଳାଇ, ଫେର ଚାଲ ରାଜ୍ୟେ ବିଲମ୍ବ ନକର ଯେନ ଅମୃତ କୁଣ୍ଡଳ ସହମଣି ପର୍ବତକୁ ।

୨ୟ ଅଙ୍କ ।

(ପ୍ରଥମ ଦୃଶ୍ୟ-ରାଜସଭା ଓ ଇନ୍ଦ୍ରଗୁରୁ)

ଇନ୍ଦ୍ର—ଗୁରୁଦେବ କ ବିପଦ ହେଲା ଉପସ୍ଥିତ ଶୂନ୍ୟହେଲା ବୁଦ୍ଧି ମୋତେ ନ ଦିଶଇ ପଥ ଉପାୟ କି କରିବ ଏଣିକି ।

ଇନ୍ଦ୍ର-ଗୀତ (ଉଠ ଉଠ ମାତ କାନ୍ଦନା ବୃଥାରେ)

ଗୁରୁ ବୃହସ୍ପତି ପଡ଼ିଲା ବିପତ୍ତି କ କରିବ ନ ଦିଶେ ବୁଦ୍ଧି । ଦାନବଙ୍କ ରଣେ ହେଲି ମୁଁ ପରାସ୍ତ କର୍ମେ ଲିହ ଥିଲା ବିଧି । କ ହୋଇବ ବହିଥିଲେ ଇନ୍ଦ୍ରପଦ, କ ହୋଇବ ରହି ଅମର ସମ୍ପଦ, ରାକ୍ଷସ ପାମର ବହି ଅହଙ୍କାର ହୋଇଲେ ମୋହର ବିବାଦୀ । ୨। ଭୟରେ ପଳାଇ ଲୁଚିଲେ ବନସ୍ତେ, ରହିଥିଲେ ଏଥି ବଧିଥାନ୍ତା ମୋତେ, କ ଉପାୟ ହେବ କ ବୁଦ୍ଧି କରିବ ସ୍ୱହସ୍ତେ ହେବକ ବନ୍ଧି । ଗୋଲେଖର ଜ୍ଞାନ, ହୋଇଗଲା ଶୂନ୍ୟ କର୍ପା ବାମ ହେଲେ ବିଧି । ୩ ।

ଗୁରୁ—ମହାରାଜ ! କର୍ମେ ଯାହା ଲିହଅଛି ବିଧି ତାହା ଘଟିବ ଅବଶ୍ୟ ଚିନ୍ତା ଚିନ୍ତା କରିବୁର ଚାଲ ଦ୍ୱାରକା ନଗରେ ଶ୍ରୀକୃଷ୍ଣଙ୍କରେ ଜଣାଇବା ସମସ୍ତ କାରଣ ।

GPNanda Colln., Digitized by srujanika@gmail.com

ଇନ୍ଦ୍ର ହନ୍ତ ! ଚାଲନ୍ତୁ ଦ୍ୱାରକା ନଗରେ ।

(ଶଚି ସହ ଇନ୍ଦ୍ରର ପ୍ରବେଶ)

ଇନ୍ଦ୍ର – ପ୍ରିଏ ! ଗୁରୁ ସାହାସ ମୋତେ ସୁନ୍ଦର ପରାସ୍ତ କଲା
ଇନ୍ଦ୍ରପଦେ କସ ପ୍ରୟୋଜନ, ଯାଉଛୁ ମୁଁ ଦ୍ୱାରକା ଭୁବନେ
ଇନ୍ଦ୍ରପଦ ଅର୍ପିଣ ପ୍ରଭୁଙ୍କୁ ପଶିବ କାନନେରେ ।

ଶଚି ଗୀତ (ଗୁରଲଗି ନାରଖ ର-ବୃତ୍ତେ)

ଯବେ ନାଥ ! ଏ ଅଧିନେ କରିବ ଅନ୍ତର ହେ । କେଉଁ ପଦେ ପଦେ ଦୋଷି ହୋଇଛୁ ତୁମ୍ଭର ହେ । ପଦ । ମୁଁ ହତ ଯୋଗିନୀ ହୋଇ, ବଞ୍ଚିବ କା ମୁଖ ଚାହିଁ, ତୁମ୍ଭ ବିଚ୍ଛେଦରେ ପ୍ରାଣ ହୋଇବ ବାହାର ହେ । ୧ । ଯିବ ଯେବେ ଦ୍ୱାରକାରେ, କହ ଦୁଃଖ ଗୋପ୍ୟରେ । ଫେର ଆସିଲେ ନବରେ ହେବ ଶତ୍ରୁଙ୍କର ହେ । ୨ । ଚାହିଁ ବସିଥିବ ପଥ, ନୋହିଲେ ତୁମ୍ଭ ସାକ୍ଷାତ ଝାସିବ ଅନଳେ ପିଣ୍ଡ ଗୋଲେଖ କରିବ ହେ । ୩ ।

ପଞ୍ଚମ ଦୃଶ୍ୟ ।

(ଦ୍ୱାରକା-ଶ୍ରୀକୃଷ୍ଣ ଓ ସତ୍ୟଭାମାରେ ପ୍ରବେଶ)

କୃଷ୍ଣ – ପ୍ରିୟେ ! ଆଜ ମନଟା ଉଦ୍‌ବେଗ ହେଉଛୁ ଏହାର କାରଣ କ'ଣ ।

ସତ୍ୟ – ନାଥ ! ପରିହାସେ କୁହ କର୍ତ୍ତା ତୁମ୍ଭେ, ଅଜ୍ଞଣା ପରାଏ ମୋତେ ପଚ୍ଚର ଗୋବିନ୍ଦ ନ ଜାଣେ ଏ ଦାସି ତାହା, କୁହ ନାଥ କ କରି କପଟ ।

କୃଷ୍ଣ – ଶୁଣ ମମ ମନର ବାସନା ।

କୃଷ୍ଣ ଗୀତ (ପ୍ରାଣ ବାନ୍ଧବ ସେ ସମ୍ପଦ-ବୃତ୍ତେ)

ରେ ନାଗର ବର, ଶୁଣ ମୋ ଉତ୍ତର, ଯାହାକ ଘଟଣା ହୋଇଛୁ ରେ । କେମ୍ପାତସ ନରର ନାରଜା ଅସୁର, ଇନ୍ଦ୍ରସମ୍ପଦ ହର ନେଇଛୁରେ । ୧ । ମଣି ପର୍ବତକୁ ବରୁଣ ଛତ୍ରକୁ

GPNanda Colln., Digitized by srujanika@gmail.com

ତା ସଙ୍ଗ ମଧ୍ୟରେ ଥୋଇଛନ୍ତିରେ । ଅମୃତ କୁଣ୍ଡଳ ଭୂମିର ଦୁହ୍ଲାଲ ମାତାକର୍ଣ୍ଣୁ ଘେନ ଯାଇଛନ୍ତିରେ । ୨ । ସୁପୂର୍ଣ୍ଣ ଦୋହିତ ନାମ ତା ଅଦତ ମିଛ ନୋହେଁ ଯାହା କହୁଛନ୍ତିରେ । ବାସବ କାତରେ ଅସେ ମୋହସୂତ୍ରରେ ଗୋଲେଖ ସେ ପଦ ଧାଉଛନ୍ତିରେ । ୪ ।

କୃଷ୍ଣ—ପ୍ରିୟେ ଏହୁ ଦେଖ ଅସେ ସୁନାଶିର ପାରିବ ତାଠାରୁ ଶୁଣି ସକଳ ବୃତ୍ତାନ୍ତ । (ଇନ୍ଦ୍ର ପ୍ରବେଶ)

ଇନ୍ଦ୍ର—ପ୍ରଭୋ ! ପ୍ରଭୋ ! ପ୍ରଣାମ ଶ୍ରୀପଦେ ?

କୃଷ୍ଣ—ଚିରଜୀବ ହୁଅ ! ବଜ୍ରଧର କି ନିମନ୍ତେ ଆଗମନ ଦ୍ଵାରକା ନଗରେ କୁହ ତୁମ୍ଭ ସକଳ ବାରତା ଦେବତାଏ ସର୍ବେ ଅଛନ୍ତି ସୁଖେ ?

ଇନ୍ଦ୍ର—ପ୍ରଭୋ, କିମ୍ପା ନାମ ହେବ ବଜ୍ରଧର କି ହୋଇ ବଜ୍ର ଥାଇ କରେ ସବୁ ସୁଖ ଗଲାଣି ମୋହର ଇନ୍ଦ୍ର ପଦେ ନାହିଁ ପ୍ରୟୋଜନ ।

କୃଷ୍ଣ—କିମ୍ପା ମନ ଦୁଃଖ ତବ, ଭାଷ ସୁନାଶିର ଇନ୍ଦ୍ର ପଦେ ଘଟିଛି କି ବାଧା ।

ଇନ୍ଦ୍ର—ପ୍ରଭୋ, କି ନ ଜାଣ ତୁମ୍ଭେ ପଚ୍ଚରିଲ ଯେବେ ଏ ଅଧମେ ଶୁଣ ମମ ଦୁଃଖର କାହାଣୀ ?

ଇନ୍ଦ୍ରର ଗୀତ (ବାରଣ ବାହନ ମୋର--ବୃତ୍ତ)

ଜୟ କରୁଣାସାଗର, ଉଶ୍ଵାସିବୁ ସବୁଭର ଜନମ ତୋହର, ଭକତଙ୍କ ହିତରେ । ଅଜ୍ଞଣା ଅଛନ୍ତି ତୋତେ, ପଚ୍ଚରୁଅଛୁ ସେମନ୍ତେ, ସୁଦୟା କର ତୋହର ଏହିକି କରେ ॥ ନୋହିଲେ ଦେବତା ସକଳେ । ବୁଡ଼ିମରିବୁ ଯାଇ ସମୁଦ୍ର ଜଳେ । ୧ । ଜ୍ୟୋତିଷ ନାମେ ନଗର, ଅଟେ ନାରକାଅସୁର, ବଡ଼ଇ ପ୍ରତାପୀ ଦେବ ଅଟଇ ସେହି ॥ ଘେନି ସଙ୍ଗେ ସୈନ୍ୟବଳ, ପ୍ରବେଶି ଲ

GPNanda Colln., Digitized by srujanika@gmail.com

ତୁମି ବାଲ, ମାଗନ୍ତେ ସେତକ ଗୋଟି ବିଷୟ ଯାଇ ॥ ଦିଅ
ମୋତେ ବରୁଣ ଛତ୍ର । ଅମୃତ କୁଣ୍ଡଳ ଏହି ମଣି ପର୍ବତ । ୨ ।
ମନା କରନ୍ତେ ତାହାକୁ ଗୋଡ଼ାଇଲା ମାରିବାକୁ ଯୁଦ୍ଧରେ ପରାସ୍ତ
ହୋଇ ଗଲି ପଳାଇ, ନାଶିଲା ଅମରପୁରୀ, ସର୍ବ ଧନ ନେଲା
ହରି, ସେହି ଯୋଗେ ଆସିଅଛି ତୋ ପାଶେ ମୁହିଁ ॥ କରନ୍ତୁ
ଏହା ପ୍ରତିକାର । ଚୋଳେଖ ମାତେ ଶ୍ରୀପଦେ ଶରଣ ତୋର । ୩ ।
କୃଷ୍ଣ—ବଜ୍ରଧର ଯାଅ ସ୍ୱର୍ଗ ଧାମେ ଚଳି ଯାଉଛି ମୁଁ ଜ୍ୟୋତିଷ
ନଗରେ ମାରି ନାରକାକୁ ଦେବ ତୋ ନିକଟେ ଆଣି
ସକଳ ସମ୍ପଦ ତେଜ ମନୁଚିନ୍ତା ଦମ୍ଭ୍ରେ ତେବ ଚଳ ନିଯବାସ ।
ଇନ୍ଦ୍ର—ଯେ ଆଜ୍ଞା ପ୍ରଭୋ ?
କୃଷ୍ଣ—ପ୍ରିୟେ—ଶୁଣିଲତ ସମସ୍ତ କାରଣ ।
ସତ୍ୟ--ନାଥ--ମୁଁ ସମସ୍ତ ଶୁଣିଛି ଆପଣଙ୍କୁ ମୋର କଛି
କହିବାକୁ ଅଛି ମୋ ନିବେଦନ ସେନା କରିବେତ ।
କୃଷ୍ଣ--କି ନିବେଦନ ସଖି ପ୍ରକାଶ କର ।

ସତ୍ୟଭାମା ଗୀତ (ସାଗର ତୀରରେ ବୃନ୍ଦେ)

ସତ୍ୟ--ଗୀତ--ଧରୁଛି ଚରଣ ନାଥ ମୋହରଣ ଯେବେ ଯିବ
ସଙ୍ଗେ ନିଅ ମୋତେ ଦେଖିବି ନାରକା ଅସୁର ନଗର ଯେନ
ଚଳନ୍ତୁ ସୁଦାମ୍ବା ଛାଡ଼ି । ୧ । କେମନ୍ତ ମୂରତି ସେ ଜ୍ୟୋତିଷ
ପତି ବାନ୍ଧି ରଖିଛି ଯୁବତୀ କେତେ । ରଖିଅଛି କାହିଁ ପୁନାଶିର
ବଳି ଯିବ ମୋ ସଂଶୟ ଦେଖି ନେବେ । ୨ । ଯେବେ ତାହା
ଭୁଲେ କରିବ ସମର ମାରି ଧନ ନେବ ସ୍ୱର୍ଗ ପଥେ ବାସବର
ପାଶେ ଦେଇ ତା ହରଷେ ମିଳିବା ଦ୍ୱାରକା ହରଷିତେ ।୩।
କୃଷ୍ଣ--ପ୍ରିୟେ--ନେବ ସଙ୍ଗତରେ ମୁହିଁ ନକର ଭାବନା କରୁଛି
ମୁଁ ଗରୁଡ଼େ ସ୍ମରଣ ରମ୍ୟକଦ୍ୱୀପରୁ ପକ୍ଷୀ ଆସିବ ଏକ୍ଷଣି
ବସି ତାର ପୃଷ୍ଠେ ଯିବା ଜ୍ୟୋତିଷ ନଗର ।

GPNanda Colln., Digitized by srujanika@gmail.com

ଗରୁଡ଼--କି ନିମନ୍ତେ ଶଙ୍କା କଲ ଅନ୍ତର୍ଯ୍ୟାମୀ ନାଥ ରମ୍ୟକଦ୍ୱୀପ
ଲକ୍ଷଣ ପଡ଼ିଲା ମୋହର କିବା କେଉଁ ଦେଶେ କରିବେ ଗମନ
ପ୍ରକାଶ କରନ୍ତୁ ଏହିକ୍ଷଣି ନେବି ମୁହିଁ ପୃଷ୍ଠରେ ବସାଇ ।

କୃଷ୍ଣ--ପକ୍ଷିବର—ଯିବୁ ଆମ୍ଭେ ପ୍ରାଗ୍‌ଜ୍ୟୋତିଷ ନଗର ନାରକାସୁର
ସହ ଆରମ୍ଭିବୁ ରଣ ଘୋର ଚଳ ବିଳମ୍ବ ନକର ଆସ
ପ୍ରିୟେ ବସ ଗରୁଡ଼ପୃଷ୍ଠରେ ।

ସତ୍ୟ--ନାଥ—ବାଣ କର୍ମା ଅସ୍ତ୍ରବନ୍ତ ହୋଇଛନ୍ତି ଆକାଶେ ପିମ୍ପୁଡ଼ି
ଯିବାକୁ କାହିଁ ନାହିଁ ବାଟ, ଯିବ କେଉଁପରି ନାଥ ନାର-
କାର ସଦନ ।

କୃଷ୍ଣ--ପ୍ରିୟେ- ଏ ସମସ୍ତ ନାରକା କୌଶଳ ସେ ନିମନ୍ତେ
କରିଅଛି ଏହା, ତାହାର କାରଣ ପ୍ରିୟେ ଶୁଣ ମୋହଠାରୁ ।
କୃଷ୍ଣ ଗୀତ- (କହଲେ ଭଗିନୀ ତୋତେ ବୁଝେ)

ରେ ନାଗରିବର ଶୁଣ ନାରକାଦୈତ୍ୟ କୌଶଳ ବିପକ୍ଷେ
ଆସିବା ଅର୍ଥେ କରିଅଛି ଭୂମିବାଳ । ଅସ୍ତ୍ରବାଣ ଚଉପାଶ କରିଅଛି
ଦୁଷ୍ଟ ରାକ୍ଷସ ଜାଲବଣା ଦେଖି ଦେବେ ଭୟ କରନ୍ତି ସକଳ ।୧।
ପବନ ବହେ ପ୍ରଖର ଦେଖି ନୋହିବ କାତର ତା ପାଶରୁ କେତେ
ଦୂରେ ପ୍ରବଳ ଜଳେ ଅନଳ ।୨। ନଗ୍ରର ବାହାରେ ଆସି
ରଖାଇଛି ମୋହ ଫାସୀ କଲା ଅନ୍ୟାୟ ବସ୍ତୁର ପୂରିବାର ତାର
କାଳ ।୩।

ସତ୍ୟଭାମା--ନାଥ ଫେରିଚାଲ ଯିବା ଦ୍ୱାରକାକୁ ଶତ୍ରୁ ନିମନ୍ତେ
ଦୈତ୍ୟ କରିଛି କୌଶଳ ଜାଣି ତନ୍ମା ଅଙ୍ଗଣା ପରାଏ ଆସିଲ
ଗୋବିନ୍ଦ ।

କୃଷ୍ଣ--ପ୍ରିୟେ--ନକର ଭାବନା ସୁଦର୍ଶନଚକ୍ର ଅଛି କରେ ବଳଆନ
ଅଛି କେବା ତା'ଠାରୁ ଜଗତେ ଦେଖ ଚକ୍ରେ ଛେଦିବି
ସମସ୍ତ ।

GPNanda Colln., Digitized by srujanika@gmail.com

(ନାରକା-ରାଜସଭା)

ନାରକା--ହେ ମନ୍ତ୍ରି--ଶଙ୍ଖ ଶବ୍ଦ କ୍ଷୁଏ ଘନ ଘନ କିବା ଶତ୍ରୁ ହେଲା ଉପସ୍ଥିତ ।

(ଗଲା ଗଲା ଗଲାରେ ଲକ୍ଷଣ ବୃତ୍ତେ)

(ନାରକା ଗୀତ)

କହ ମନ୍ତ୍ରୀ ଶତ୍ରୁ କିବା ମୋର ରାଜ୍ୟେ ଉପସ୍ଥିତ ହୋଇଲା ଅସି, ଘନ ଘନ ଶୁଭେ ଶଙ୍ଖର ଶବଦ କ୍ଷଣକ୍ଷଣ ଚଉ ଉଠେ ଉଲ୍ଲୁଣି ।ଘ। ଦେଖି ମୁଁ ଅଦ୍ଭୁତ ସ୍ୱପନ, ତେମନ୍ତ ବେକ୍ତ୍ର ଭ୍ରମୁଛି ମନ, ସୂତ ସହୋଦରେ ଅଛି ବନାଶୀ । ୧ । ଭାଙ୍ଗେ ପାଟେଶ୍ୱ ଅଟ୍ଟାଳିକା ହୃଦେ ଚଳେ ନାହିଁ ତା ଶଙ୍କା, କେଉଁ ଦୈତ୍ୟ କେଶ ଧରେ ଆକୋଶି । ୨ । ସ୍ତ୍ରୀରକ୍ଷାର କରେ ପଟ୍ଟଣା ସ୍ୱପ୍ନେ ମଣ୍ଡି ଏକ ଘଟଣା ସତ୍ୟକିବା ମିଥ୍ୟା ନୁହ ପ୍ରକାଶ । ୩ ।

ନାରକା ମନ୍ତ୍ରୀ--ମହାରାଜ ଶତ୍ରୁ ହୋଇ ଅସିବ କେ ରାଜ୍ୟେ ନ ଭାବନ୍ତ ତାହା ଯେଉଁ କୌଶଳ କରଅଛନ୍ତ ଶ୍ରୀଗୁରୁ । କା'ର ସାଧ୍ୟ କେବ୍ଲୁ ପଶିବ ଭିତରେ ଗଡ଼ଦ୍ୱାରେ ଅଛନ୍ତି ଆପଣଙ୍କ ଭ୍ରାତ ସୁରଦାନବ ବଳିଷ୍ଠ ଶତ୍ରୁ ଅସିଥିଲେ ହସ୍ତେ ଯିବେ କାଳ ଆଲେ ?

ନାରକା--ମନ୍ତ୍ରୀ ତେବେ ହେଉ ସଭାଭଙ୍ଗ ?

କୃଷ୍ଣ ସତ୍ୟଭାମା ପ୍ରବେଶ ।

ସତ୍ୟଭାମା ଗୀତ (ଭାଇରେ ମୋଲାଗି କେତେ--ବୃତ୍ତେ)

ଫେର ଚାଲ ନାଥ ଦ୍ୱାରକା ନଗର । ରାକ୍ଷସଙ୍କ ରଡ଼ ଶୁଭେ ବାର ବାର ॥ ଭୟ ହେଉଛି ମନରେ ଗର୍ଜନ ଶୁଣି କର୍ଣ୍ଣରେ ଦାସୀ ନବେଦନ ବାରେ ଯେନା କର । ୧ । କ୍ଷଣ କ୍ଷଣ ଉଲୁ-କ୍ଷାଇ ଉଠେ ଚଉ ସ୍ଥିର ନାହିଁ, ପିଣ୍ଡରୁ କ ପ୍ରାଣ ହୋଇବ

GPNanda Colln., Digitized by srujanika@gmail.com

ତାହାର । ୨ । ଏ ଅଧୀନେ ଗିବ ଧବ ସେହ୍ନ ଯେବେ ଅଛୁ ଭବ ଗୋଲେଖ ବନତି ବାରେ ଯେନା କର । ୩ ।

କୃଷ୍ଣର ଗୀତ (ସତମତ ହାସ୍ୟ—ବୃତ୍ତେ)

ରେ ରମଣୀହାର, ନ ହୁଅ ଅଧୀର, ବାରେ ଶୁଣ ମୋହ ଗିରାରେ । କପାଇଁ କାତର, ହୁଅ ରମାବର, ଅନୟନେ ଗୃହା ପରରେ । ୧। ଏ ଜ୍ୟୋତିଷପୁର, କେତେ ମନୋହର, ନର୍ମାଣ ହୋଇଛି ହାରେର । ଉଦତକୁ ଭାନୁ ଜାବତ ଜଗତେ ହୋଇ ପାଉଅଛୁ ତୋର ରେ । ୨ । ଯେତେକ କୌଶଲ କରୁଅଛୁ ଖଳ ହୋଇବାରୁ ପାପହାରରେ । ନଜ ଦୋଷେ ନାଶ ହୋଇବ ନୃଶଂସ ସଖି କହୁଅଛୁ ସାରରେ । ୩ । ନୁହ ଛନ ଛନ ସ୍ଥିରକର ମନ ଅରେ ଯତ ମତ ହାସରେ । ଏ ଶାରଙ୍ଗ ବାଣ ନେବ ତୋ ପରାଣ ନାହିଁ ଗୋଲେଖର ସାରରେ । ୪ ।

(ସୁରଦାନବର ପ୍ରବେଶ)

କଏ ରେ ପାମର ଭୁହ ପଶି ଅକଣ୍ଟକ ପୁରେ କରୁ ଟଙ୍କନାଦ ଥିଲେ ତୋ ଜୀବନେ ଆସ ପଲାରେ ବାହୁଡ଼ କବା ମରଣକୁ ଲୋଡ଼ ଅସିଚୁ ଏ ସ୍ଥାନେ ?

କୃଷ୍ଣ — ରେ-ରାକ୍ଷସ ନରାଧମ ଗର୍ଜି କମ୍ପା ହେଉ ଅସ୍ତ୍ର ବେସ୍ତ ଯେ ନମନ୍ତେ ଅସିଅଛୁ ଏଥି ତାହାର କାରଣ ଶୁଣ ମୋହ-ଠାରୁ ।

(କୃଷ୍ଣ ଗୀତ କହ ଲେ ଉଗିନ — ବୃତ୍ତେ)

ଶୁଣରେ ରାକ୍ଷସ ମୋର ଅସିବା କାରଣ ରେ । ନାରକା ସହ ତୋହର ନେବ ମୁଁ ପରାଣରେ । ୧ । ସ୍ତ୍ରର ନଶାଚର ସ୍ୱେର, କେତେ ସାହାସ ଭୁନ୍ଦର, ସ୍ୱଗରୁ ମଣି ଏବଂ ତ ଅଣିଛୁ ହରଣରେ ।୨।

GPNanda Colln., Digitized by srujanika@gmail.com

ଅମୃତ କୁଣ୍ଡଳ ବେନି, ବରୁଣ ଛତ୍ରକୁ ଘେନି ଆଣି, ରଖିଛୁ ନଗରେ
ନାହିଁ ତା ତାରଣରେ । ୩ । ବାସବେ ସମ୍ପଦ ଦେଇ, ଶରଣ
ପଶରେ ଯାଇଁ, ଯେବେ ଜୀବନରେ ଆସ ନଲେଉଡ଼ା ମରଣରେ ।୪।
ଭାଙ୍ଗି ଜ୍ୟୋତିଷ ନଗର, କରିବଇଁ ଛାରଖାର, ବ୍ୟର୍ଥେ ନ ହେବ
ଜାଣ ଗୋଲେଖର ପଣରେ । ୫ ।

ସୁର—ରେ ନିର୍ଲଜ ଅଲଜୁକ ନାହିଁ ତୋତେ ଲାଜ, ମରଣ
କାଳ ଆସି ଘଟିବାରୁ ତୋର ଆସିଛୁ ଏସ୍ଥାନେ ଏହିକ୍ଷଣି
କାଟିବ ତୋ ମୁଣ୍ଡ ଭାବିଅଛୁ ମନେ, ଛାରଖାର କରିବୁ ତୁ
ଜ୍ୟୋତିଷ ନଗର ।

ସୁରଦାନବ ଗୀତ (ବୃତ୍ତ ଅଡ଼ାଣ ଢଳକୁ ଖେମା)

ଗୋପାଳ ଟୋକାଟା ଅସେ କେତେ କରୁ ବଡ଼ାଇରେ ।
ଗୋରୁରଖା ବୁଦ୍ଧି ତୋର ଆଜ ଦେବି ଛଡ଼ାଇରେ । ଅରେରେ
ନିର୍ଲଜ ମୋର ଖଡ଼ଗେ କାଟିବି ଶିର । ଗୋପ ନୋହେ ଖାଇବୁ ତ
ଦଧି ଶିଖା ଛୁଡ଼ାଇବେ । ଚଢ଼ି ଆସିଛୁ ପାପିଷ୍ଠା, ଲଢ଼ିବୁ ଅରେ
ନିଲଠା, ଷଣ୍ଢାସୁର ନୋହେ ମୁହିଁ ମାରିବୁ ତୁ ବାଡ଼ାଇ ରେ । ୧ ।
ଆଜ ତୋ ମାଙ୍ଗା କରିବି; ଯମପୁର ପଠାଇବି, ଦେଖ ଆସୁଛି ଶମନ
ନେବ ପଥ କଢ଼ାଇରେ । ୩ । ଆଜ ସୁର ଦାନବର, ହସ୍ତେ
ଜୀବନ ତୋହର, ଗୋଲେଖ କରେ ବିଗୁର ମନୁ ତୃଷ୍ଣା
ଛଡ଼ାଇ ରେ । ୪ ।

କୃଷ୍ଣ କଥା — ଅଗ୍ରସର ହୁଅରେ ପାମର,
ଯୁଦ୍ଧସ୍ଥଳେ ଜଣାଯିବ କାର କେତେ ଶକ୍ତି ।

(ଯୁଦ୍ଧ ଓ ସୁରଦାନବର ମୃତ୍ୟୁ)

(ଦୂତ—ତାମ୍ର ବାବୁଙ୍କୁ ଡାକିବା ଓ ତାମ୍ରଙ୍କର ପ୍ରବେଶ)

ତାମ୍ର — ଦୂତ-କଥା କଣ ଏପରି କାତର ହୋଇ ଡାକିଲୁ କାହିଁକି ?
ଦୂତ — ବାବୁ ଶୁଣ ଯାହା କହୁଅଛି ମୁହିଁ

GPNanda Colln., Digitized by srujanika@gmail.com

ଗୀତ (ହେ ମହାରଜ ବୃତ୍ତ)

ହେ ତାମ୍ରନାଥ ଅସି ପଡ଼ିଲା ପ୍ରମାଦ, ଦେଖିଲେ ଧୈର୍ଯ୍ୟଧରି ରହି ପାରିବ କେ ହୃଦ । ଚଢ଼ି ପକ୍ଷିନ୍ଦ୍ର ଉପରେ, ଧନୁର୍ଦ୍ଧା ଧରନ୍ତି କରେ, ଦେଖାଉଛନ୍ତି ଯେଉଁ ତେଜ ଧାଏଁ କରି ଶଙ୍ଖନାଦ । ୧ । ତାହୁଁ ଅଣ୍ଟିଲା ପାମର, ଭଙ୍ଗିଲା ପାଟେଶ୍ୱ ପୁର, ଶୁଣି ଧାଇଁଲେ ପିଅର ହେଲା ତହିଁ ଘୋର ଯୁଦ୍ଧ ।୨। ସୈନ୍ୟ ହେଲେ ନାରଖାର ରଣେ ପଡ଼ିଲେ ପିଅର, ବିଚାର କରନ୍ତୁ କାର୍ଯ୍ୟ କରି କହଇ ଏ ପଦ । ୩ ।

ତାମ୍ର — କ କହିଲୁ ଦୂତ — ବଜ୍ର ଆଣି ନାଙ୍ଖେପିଲୁ ଶିରେ କର୍ଣ୍ଣ ।
ଏହା ଶୁଣିଲା ଏ ଶ୍ରୁତ କାହିଁ ଦେଖା ପିତାର ବଇରି ।

ଦୂତ — ହେଇ ଦେଖ ଦୂରେ ଆସୁଅଛନ୍ତି ଦୁଷ୍ଟ ।

ତାମ୍ର — ରେ ନବୋଧ — ନଲକ୍ଷଣ — କ ସାହସେ ପଶି ଗଡ଼
ମଧ୍ୟେ ନାଶିଲୁ ପିତାଙ୍କୁ ଅଜ ମୋହକରୁ ତୋର ନାହିଁ
ପରିତ୍ରାଣ, ମରିବୁ ନିଶ୍ଚୟ ଇଷ୍ଟ କର ତୋ ସ୍ମରଣ ।

(ଗୀତରେ ବର୍ବର ବାସବ ବୃତ୍ତ)

ଅରେରେ ପାପିଷ୍ଟ ଇଷ୍ଟ ସୁମର ତୋହରରେ । ହାବୁଡ଼େ ପଡ଼ିଛୁ ଆଜ ଯିବୁ ଯମ ପୁରରେ । ଗଣ୍ଡା ଗଣ୍ଡା ତୋହପର, ମେଣ୍ଢାଙ୍କୁ ମୋଡ଼ିବ ଧର, ମେଣ୍ଢାପର ଦେବ ବଳୀ କାଳୀର ଅଗରରେ ॥ ତାରଣ ତୋହର ନାହିଁ ମରଣେ ଅସିଛୁ ଧାଇଁ କେଉଁ ବାପ ରକ୍ଷା ତୋତେ କରିବ ପାମର ରେ । ୭ । ଶ୍ରୁତ ତୋ ଜୀବନୁ ଅଣ ତଳ ପ୍ରେତ ପ୍ରତ ନାପ ସମ୍ଭାଳ ପ୍ରାଣ ଯେନବ ତୋହରରେ ।୭।

କୃଷ୍ଣ — ରେ ରାକ୍ଷସ ଶୁଃ ଯାହା କହୁଅଛୁ ଥରେ କର ତୁ ଶ୍ରବଣ ।

କୃଷ୍ଣ ଗୀତ (ନହେ ଏ ବାବାଜୀ ବୃତ୍ତ)

କର୍ଣ୍ଣରେ ଅସୁର ଅଛି ଲେଖିଲୁ ମରଣ,
ଜାଣି ଶୁଣି ପଶୁ ରଣେ ଦେବାପାଇଁ ପ୍ରାଣ । ୧ ।

GPNanda Colln., Digitized by srujanika@gmail.com

ପିତା ନନ୍ଦଙ୍କୁ ତୁମ୍ଭ ଯିବାକୁ ରହନ୍ତୁ ଗୃହିଁ ।
ବାପେ ଫେରସାଥ ସୁଟେଖ ରହ କନ୍ଦ୍ରଦନ । ୨ ।
ଘଣ୍ଟ ହେବ କୁଳବଧୂ ବନ ଯିବ କାନ୍ଦୁକାନ୍ଦୁ ।
ତୋହ ବଚ୍ଛେଦରେ ତାର ଯିବରେ ପରାଣ । ୩ ।
ପଳାରେ ନିର୍ଲଜ ସ୍ୱେର ହେଉ କେତେ ଅଗୁସାର ।
କର ଟାଣ ତୀକ୍ଷ୍ଣ ବାଣ ନେବ ତୋ ପରାଣ ॥

ତାମ୍ର — ରେ ମୂର୍ଖ କର ଯୁଦ୍ଧ ନାହିଁ ମୋ ଆପତ୍ତି ।

କୃଷ୍ଣ — ରେ ନିର୍ଲଜ ଶୁଣ ତେବେ କର୍ଣ୍ଣ ଡାକୁଅଛୁ ଜନ୍ମପତ ।

ଯୁଦ୍ଧ (ତାମ୍ର ମୃତ) ଅନ୍ତରୀକ୍ଷରେ ପ୍ରବେଶ ।

ଦୂତ — ତାନବା ହୁଃ ହୁଁ ହୁଁ ?

ଅନ୍ତରୀକ୍ଷ — କହ ଦୂତ, କମ୍ପା କାନ୍ଦୁଅଛୁ ବସି ଏ ସ୍ଥାନରେ କି ବିପଦ ହେଲା ଉପସ୍ଥିତ ଫେଡ଼ିକହ ନିର୍ଭୟ ଅନ୍ତରେ ।

ଦୂତ — ଅନ୍ତରୀକ୍ଷ ବାବୁ, କି କହିବି ଅଦ୍ଭୁତ ଘଟଣା କାହୁଁ ଆସି ଏକ ନର ପକ୍ଷିଠାରେ ଚଢ଼ି ଭାଙ୍ଗିଲା ପାଟେଶ୍ୱପୁର କରି ଶଙ୍ଖନାଦ । ତହୁଁ ତବ ପିତାଭ୍ରାତା କରି ଘୋରରଣ ପଡ଼ିଲେ ସମରେ ଛଟପଟ ହୋଇ ତାଙ୍କ ପ୍ରାଣ ଗଲା ଗ୍ରାଉ କେହୁ ଧୈର୍ଯ୍ୟ ଧରିବ ତା ଦେଖି ।

ଅନ୍ତରୀକ୍ଷ — ଦୂତ, କାହିଁ ସେ ପିତାର ବଇରୀ ବତାଅରେ ଆଗେ ଥାଟେଗ ପଥ ନମାରିଲେ ତାକୁ ପିତୃଋଣ କି ତୁଟିବ କି ମେଣ୍ଟିବ ମନର ସାଧନା ?

ଦୂ — ଏହି ଦେଖ ଯୁବରାଜ ବାବୁ ?

ଅନ୍ତରୀକ୍ଷ — ରେ ନିର୍ବୋଧ, ନିର୍ଲକ୍ଷଣ, ସ୍ୱେର କି ସାହସେ ପଶିଲୁରେ ରାଜ୍ୟ ପିତାଭ୍ରାତା କରିଲୁ ବିନାଶ । ବେଧା ନିଲକ୍ଷଣା ମରିବାକୁ ପାଞ୍ଚ ମନେ ଅସିଅଛୁ ଏଥି କେଉଁ ବାପ ରଖିବରେ ତୋତେ, ଏକ ବାଣକରେ ତୋର ଯିବରେ ପରାଣ କର ତୋର ଇଷ୍ଟକୁ ସ୍ମରଣ ।

GPNanda Colln., Digitized by srujanika@gmail.com

କୃଷ୍ଣ—ରେ ରାକ୍ଷସ ଅଲାଜୁକ ନୁହଇଁ ମୁଁ ଚୋର ଚୋରବୃତ୍ତି
ଅଟଇ ତୁମ୍ଭର ଚୋରାଇ ଆଣି ରଖିଛ ଯେତେ ଯେତେ
କନ୍ୟା ନୃପତିଙ୍କୁ କରିଅଛ ବନ୍ଦୀ ଯାଇଥିଲା ପିତା ତୋର
ଅମର ଆଳୟେ ପୁରନ୍ଦର ସଙ୍ଗେ ତହିଁ କଲା ଘୋରରଣ
ପରାସ୍ତ ହୋଇଣ ଭୟେ ପଳାଇଲା ସେଣୁ, ଆଣିଛୁ ଚୋର
ପିତା ତୋର ମଣିଗିରି ଅମୃତ କୁଣ୍ଡଳ ଆବର ବରୁଣଛତ୍ର
ଆଣିଅଛି ବାସେ ଧରାରୁ ରାକ୍ଷସ ନାମ କରାଇବ ଲୋପ
ସେ କାମନ୍ତେ ଆସିଅଛି ଏଥି ଜନୁପତ ପଥ କରିଅଛି
ପରିଷ୍କାର ଅଗ୍ରସର ହୁଅରେ ପାମର ।

(ଯୁଦ୍ଧରେ ଅଲ୍ରାକ୍ଷର ମୃତ୍ୟୁ) ଶ୍ରବଣ ଶାବର ପ୍ରବେଶ ।

ଦୂତ — ଯୁବରାଜ ବାବୁ ପ୍ରଣାମ ଶ୍ରୀପଦେ ।

ଶ୍ରବଣ — ରେ ଦୂତ ଏପରି ଅସ୍ଥିର ତୋ ଚିତ୍ତ ହେଉଛି କାହିଁକି
ଶୁଭୁଅଛି ଏ କି କୋଲାହଳ ଧ୍ୱନି, କି ବିପଦ ହେଲା
ଉପସ୍ଥିତ ।

ଦୂତ — ଶୁଣ ବାବୁ କହୁଅଛି ଯାହା ଦ୍ୱାରକାରେ ଅଟେ ଘର, ନାମ
ତାର ଅଟଇ ଶ୍ରୀକୃଷ୍ଣ । ଇନ୍ଦ୍ର ଦୂତ ପଣେ ଆସି ଏଥି ତୁମ୍ଭ
ପିତା-ଭ୍ରାତାଙ୍କୁ ସେ କରିଲା ବିନାଶ । କହୁଛି ସର୍ବସ୍ୱ ମାରି
ଘେନଯିବ ଇନ୍ଦ୍ରର ସମ୍ପଦ ।

ଶ୍ରବଣ — କି କହିଲୁ ଦୂତ, ଗୋପାଳ ଟୋକାଟା ଆସି କଲା ଏତେ
ଏହା ଶୁଣି ଧୈର୍ଯ୍ୟ ଧରି ପାରିବ କେ ରହି, କାହିଁଅଛି
ଦେଖ ଦୂତ ନନ୍ଦର ପୁଅକୁ ।

କୃଷ୍ଣ ନିକଟରେ —(ଶ୍ରବଣର କଥା)

ଶ୍ରବଣ — ଆରେ ରେ ମାନବା ତୋର ଦୁରିଲାରେ କାଳ କି
ସାହସେ ପଶିଲୁ ରାଜ୍ୟରେ, ପିତା ସହୋଦରେ ଆସି
କରିଲୁ ବିନାଶ ଇନ୍ଦ୍ର ଦୂତ ପଣେ ଆସିଅଛୁ ଏଥି
କାଟରେ ତୋତେ ଶୃଙ୍ଖଳରେ ଧର୍ମି ।

GPNanda Colln., Digitized by srujanika@gmail.com

ଶ୍ରବଣର ଗୀତ – (ଜୟ ଶ୍ୟାମଳ ଉଜ୍ଜଳ-ବୃତ୍ତେ)

ଆରେରେ ଗୋପାଳ ତୋର ଧିକ ଧିକ ଜନ୍ମରେ । ଧିକ ଧିକ ଜନ୍ମ ଧିକ ତୋର ପିତାମାତା ଧିକ ତୋର କର୍ମରେ । ୧ । ବାପ-ଅଟେ ତୋର ନନ୍ଦ ଜନ୍ମକାଳୁ ହେଲୁ ମନ୍ଦରେ । କ୍ଷୀର ସଙ୍ଗେ ମୋତନା ଶୋଷିଲୁ ଜୀବନରେ । ୨ । ଶୁଣିଛି ଶକଟାସୁର ଯାହେ କରିଛୁ ସଂହାରରେ । ଷଣ୍ଢାସୁର ପ୍ରାଣହନ୍ତା ନନ୍ଦର ନନ୍ଦ ରେ ।୩। ଗୋରୁରଖା ବୁଦ୍ଧି ତୋର କ୍ଷଣେ ନ ଗଲା ପାଶୋରରେ । ଇନ୍ଦ୍ର ଦୂତପଣେ ତୋତେ ପେଷିଛନ୍ତି ଏସ୍ଥାନରେ । ୪ । ଆରେ ରେ ଆରେରେ ନିର୍ଲଜ୍ଜ ଗୀଃ ଶୃଙ୍ଗ କେଉଁ ମଃମଃରେ । ମରିବୁ ମରିବୁ କର ଇଷ୍ଟଙ୍କୁ ସ୍ମରଣରେ । ୫ ।

କୃଷ୍ଣ – ଶୁଣ ଶୁଣରେ ରାକ୍ଷସଶ୍ରେଷ୍ଠ ଯାହା ମୋତେ କରିଲୁ ପ୍ରକାଶ
ତାର ପ୍ରତ୍ୟୁତ୍ତର ଶୁଣ ମୋହଠାରୁ ।

କୃଷ୍ଣ-ଗୀତ (ରେ ଅବମାପନ୍ତ-ବୃତ୍ତେ)

ରେ ରାକ୍ଷସ ଶ୍ରେଷ୍ଠ ତୋତେ ପୁଚ୍ଛିବା କାରଣ । ଯୁଗେ ଯୁଗେ ଅଛ ତୁମ୍ଭେ ଧର୍ମକୁ ପାଳଣ । ହୋଇ ଧର୍ମବନ୍ତରେ । ପରଧନେ ନ ବଳାଅ ଶତ୍ରରେ । ପଦ । ଭକତଭାବରେ ପାଳଅଛ ଏ ସଂସାର ପତନାବ୍ଧି ହରଣକୁ କରିଥାଅ ପାର । ପର ସମ୍ପତ୍ତି ଅଶ । ବଳ ଥାଏ ସଦା ତୁମ୍ଭ ଅଶରେ । ୧ ବଳବନ୍ତ ହୋଇ ଇନ୍ଦ୍ର ସମ୍ପଦ ହରିଲ । ନୃପତଙ୍କୁ ବାନ୍ଧ ବାନ୍ଧ ଘରେ ରଖାଇଲ । ତାଙ୍କ କନ୍ୟାଙ୍କୁ ନେଇ । ରଖିଅଛ ବଧୂହେବାପାଇଁ ରେ । ୨ । ସେହିହେତୁ ଜାଣ ତୁମ୍ଭ ଘଟିଲା ମରଣ । ବିମିଷେକ ଲାଗି ଏତେ କରୁଅଛ ଠାଣ । ଗୁଡିଯିବ ବନେ ଅସ । ମାତରଣେ ଗୋଲେଖର ଭୂଷରେ । ୪ ।

(ଯୁଦ୍ଧସ୍ଥଳେ ଶ୍ରବଣର ମୃତ୍ୟୁ)

ଚନ୍ଦ୍ରାବଳୀ ଓ ପ୍ରବଣର ପ୍ରବେଶ ।

ଚନ୍ଦ୍ରା—ପ୍ରବଣ, କାହିଁକି ବାମଚକ୍ଷୁ ମୋର ନାଚେ ଘନ ଘନ ଉଲୁଣାଇ ଉଠେ ଦେହ ବାତାଘାତ ସମ ଦେଖାଯାଏ ଅମଙ୍ଗଳ କାରଣ ସମସ୍ତ ।

ପ୍ରବଣ—ଭାଇ ଚନ୍ଦ୍ରାବଳୀ, ଆଜ ପ୍ରାତଃକାଳେ ଗୃଧ୍ର ଗୋଟା ବସିଲା ମୋ ଶିରେ ଜାଣେ ନେତେବେଳୁ ମୁହିଁ କଷ୍ଟେ ଘଟିବ ଆପଦ ଏ କି ଶବ୍ଦ ଶୁଣାଯାଏ ଦୂରେ ଖରତରେ ଆସେ କିମ୍ପା ଦୂତ ଜଣାଯିବ ମୁହୂର୍ତ୍ତରେ ସମସ୍ତ ବୃତ୍ତାନ୍ତ ॥

ଚନ୍ଦ୍ରା—କହ ଦୂତ ମୁଖ ତୋର ବିରସ କି ହେତୁ କିମ୍ପା ଶୁଭେ କୋଳାହଳ ଧ୍ୱନି !

ଦୂତ—ଶୁଣ ବାବୁ ଶ୍ରୀମୁଖରେ ଜଣାଉଛି ଯାହା ।

ଦୂତର ଗୀତ (କୁରୁ ରାଜ ବାହାରିବା ବୃତ୍ତେ)

ଯାହା ବିପଦ ଘଟିଛି ଆଜ ଶୁଣ ହେ ସୁର ତନୁଜ । ପଦ ।
ଦ୍ୱାରକାର କୃଷ୍ଣ ସବ କଲା ନଷ୍ଟ ଚହଳ ପଡ଼ିଲା ରାଜ୍ୟ ଭିତରେ ଅଟ୍ଟାଳିକା ପାଦ ନେଇ ଶଙ୍ଖ କରେ ବଜାଏ ଧରି । କେତେ କେତେ ବୀର ଗଲେ ଯମପୁର ରଣେ ପଡ଼ିଲେ ଅଗ୍ରଜ । ୧ । ଶ୍ରବଣ ଅଲ୍ପ ବୟସ ବୀର ତାମ୍ରଆଦି ତିନି ସୋଦର ପିଅର ମରଣ ଦେଖି କାହା ପ୍ରାଣ ଧରିପାରେ ରହ ଧୈର୍ଯ୍ୟ । ୨ ।

ଚନ୍ଦ୍ରାବଳୀ—କଥା- କି କହିଲୁ ଦୂତ ।
ବଜ୍ର ଆଣି ନିକ୍ଷେପିଲୁ ଶିରେ ଭାଇରେ ପ୍ରବଣ ସ୍ମର ମାନବର ହସ୍ତେ ମଲେ ରାଷସବାହିନୀ ପିତା ସହୋଦରେ ରଣେ କରିଲା ବିନାଶ, ଚାଲ ଦୂତ ଚଳନ୍ତେ ପ୍ରବଣ ତା ନିକଟେ ।

ଚନ୍ଦ୍ରା—ଆରେ ରେ ମାନବ ତୋର ପୂରିଲାରେ କାଳ ।

କୃଷ୍ଣ—ରେ ନିର୍ଲଜ୍ଜ କାଳ ନିକଟରେ ଆସି କହୁଛ କହାଳ ।

GPNanda Colln., Digitized by srujanika@gmail.com

ବଦ୍ୟା—କହରେ କେଉଁ ସାହସେ ନାଶିଲୁ ପିତା ସହୋଦର ।
କୃଷ୍ଣ ସେହି ଘଣା ଅଜ ଯାଇ ପଟିଲା ଭୂମିର ।
ବଦ୍ୟା—ନାହିଁ ତୋର ରକ୍ଷା ମୋର କରୁରେ ପାଷାଣ୍ଡ ।
କୃଷ୍ଣ—ପିତାପାଶେ ଯିବୁ ପାପି ହେଉ ଲଣ୍ଡଭଣ୍ଡ ।

ବଦ୍ୟାବସୁର ଗୀତ-(ରହ ରହ ପାପି ପଳାଇ ଯାଉ କୁରେ)

ରେ ଅବୋଧ ମନ୍ଦମତ ଅନ୍ଧରେ । ପାପି ଖଡ଼ଗେ କାଟିବ ତୋର କନ୍ଧରେ । ପଦ । ମୟୂର ଚୂଟିଆ ଚୁଟି କାଟିବ ତୋହର ତୋହର ଦଣ୍ଡକଣ୍ଠ ପର କମ୍ପା ହେଉ ଖର ଖର । ପାପି ପଶିଲୁ ନ ଜାଣି ରଣଫାନ୍ଦରେ । ୧ । ଅନଳ ଦେଖି ପତଙ୍ଗ ଆସିଅଛୁ ଧାଇଁପଡ଼ୁଛୁ ହାବୁଡ଼େ କେଉଁଣେ ଯିବୁରେ ପଳାଇ । ଥରେ ସୁମର ତୋ ବାପ ନନ୍ଦରେ । ୨ । ନୁହେ ଗୋପ ସ୍ତ୍ରୀଙ୍କ ଖାଇବୁ ଦଧି ଦୁଗ୍ଧ ଗୋପିଙ୍କି ଭଣ୍ଡିଣ ନାମ ବହିଲୁ ଗୋବିନ୍ଦ । କହେ ଗୋଲେଖ ଖଣ୍ଡ ମନୁଖେଦ ରେ । ୩ ।

କୃଷ୍ଣ—କଥା— ରେ ରାକ୍ଷସ ଅଧମ ଜାଣେ ମୁହିଁ ବୀରପଣ ତୋର ସାବଧାନେ ଶୁଣ ଯାହା କହୁଅଛୁ ମୁହିଁ ।

କୃଷ୍ଣର ଗୀତ (ଧକ୍କାଦେଇ ମୋ କୁପଥ କୁଟେ)

ଅରେରେ ରାକ୍ଷସ ନକହ ବଡ଼ି ବଡ଼ିମା ପଣ ତୋ ଯିବରେ ଗୁଡ଼ । ଜଣ ଜଣ ହୋଇ ଆସରେ ମାଡ଼ି ପଣ ପଣ ହୋଇ ଶୂନ୍ୟ ଶଙ୍କରେ ଗୁଡ଼ । ଉବୁର କେ ପ୍ରାଣେ ନ ଯାଇଁଛି ରଣେ ଏକ ଏକ ମରନ୍ତ ପଡ଼ି । ୨ । ସେହି ବାଟେ ତୋତେ ଗଲରେ ଦେଖା । ରେ ରାକ୍ଷସ ତଲେ ନ ବନ୍ଧୁ ଶଙ୍କା । ସଂଯବନୀପୁର ଚଳରେ ପାମର ମୃତ୍ୟୁ ଯମ ପାଞ୍ଜି ଅଛିରେ କାଢ଼ି । ପିତା ତୋର ପଥ ରହନ୍ତି ସ୍ତ୍ରୀହିଁ ଗଲେ ସଙ୍ଗ ହୋଇ ଯିବୁରେ ଭୁହ କର୍ମେ ଅଛୁ ଯାହା କେ ଖଣ୍ଡିବ ତାହା କବି କହେ ଅଛ ଧର୍ମକୁ ହୁଡ଼ । ୪ ।

GPNanda Colln., Digitized by srujanika@gmail.com

ବଦ୍ୟାବସୁ—ରେ ଭଣ୍ଡ, ଗ୍ଲାଡ଼ ତୋ ଭଣ୍ଡିମା ପଣ, ଦେଖା ରଣସ୍ଥଳେ ତୋର ଶକ୍ତିର ପରୀକ୍ଷା ।

କୃଷ୍ଣ—କର ଯୁଦ୍ଧ

(ଯୁଦ୍ଧସ୍ଥଳେ ବଦ୍ୟାବସୁର ମୃତ୍ୟୁ)

ପ୍ରବଣର କଥା ।

ପ୍ରବଣ—ଓ—ଏ କ କାଣ୍ଡ ଦେଖୁ ଦେଖୁ ଜ୍ୟେଷ୍ଠ ସହୋଦର ବନାଶିଲ ରଣେ, ରେ ନବୋଧ ନଲକ୍ଷଣ କାଳମୁଖେ ପଡ଼ିଛୁ ରେ ଆଜ, କେଉଁ ବାପ ରଖିବରେ ତୋତେ, ଟିକ ଟିକ କର ମାଂସ କାଟିବ ତୋହର ଛାଡ଼ ତୋର ଜୀବନର ଆଶ, ଲଢ଼ ମୋର ସଙ୍ଗେ ।

କୃଷ୍ଣ—ରେ ମୂର୍ଖ, ଭାଇର ମରଣ ଦେଖି ଉଠ୍ ଶିର ଝୁଣି ଦେଖାଉ ବଡ଼ିମାପଣ ଆସି ମୋ ଆଗରେ, ଗ୍ଲାଡ଼ ତୋର ଜୀବନର ଆଶ । ସିଂହର ସମ୍ମୁଖେ ଶୃଗାଳର ପରାକ୍ରମ, ଭୁଜଙ୍ଗେ ଗିଳିବ ଭେକ କରୁଛୁ ଦୁରାଶା, ରେ ନର୍ବୋଧ ମାର୍ଜାର ସଙ୍ଗେ ମୂଷିକ କରିବାକୁ ରଣ ବାଛୁଛୁ ସାହସ । ରେ ମୂର୍ଖ ହୁଅ ଅଗ୍ରସର ।

ଯୁଦ୍ଧରେ ପ୍ରବଣର ମୃତ୍ୟୁ (ବଶୁ ମହାଶୟର ପ୍ରବେଶ)

ବଶୁ—ରହ ରହ ରହରେ ପାମର କାଳ ସମ୍ମୁଖରେ ଆସି ପଡ଼ିଅଛୁ ଭେଟ । ପ୍ରାଣ ଆଶା ଗ୍ଲାଡ଼ରେ ବର୍ବର ।

ବଶୁର ଗୀତ (ରେ ଅବନ ପତ ତୋର ଦୂତେ)

ଅରେରେ ମାନବା କାଳ ପୂରିଲା ତୋ ଆଜ । କେଉଁ ବାପ ଭରସା ତୋ ହୋଇବରେ ପାଶ । ହେଲା ମରଣ ବାଟ, ଯିବ ପ୍ରାଣ ହୋଇ ଛଟପଟରେ । ପଦ । ଜାଣି ଶୁଣି କମ୍ପାଇଁ ରଣକୁ ଅସିଅଛୁ, କ ଘଟିବ ଘଣା ତୋର ଭାବ ନ ପାରୁଛୁ, ଗ୍ଲାଡ଼ ସେ ଗାରିମାରେ । କାହିଁ ଅଛ ତଳେ ତୋର ଛମାରେ ।୧। ବାଳକ

GPNanda Colln., Digitized by srujanika@gmail.com

ବୁଝି ତୋହର କାଳକ ନଗଲ, ଲଢ଼ିବୁ ବୋଲି ଆସିଛୁ ରେ ବାଳୁଙ୍ଗା କେଳା ଧିକ ତୋ ଜନ୍ମ ଝାଁଟ । କହେ ଗୋଲେଖ ଛୁଡ଼ବ ଅଣ୍ଟରେ । ୨ ।

କୃଷ୍ଣ—ରେ ନିର୍ଲଜ ଛୁଡ଼ ଛୁଡ଼ ତୋର ମନ ଆଶା । ବଞ୍ଚିବା ସାହସ ରଖ ଦୂରେ । ପଣପଣ ଅସ ରଣେ ସୁରଙ୍କ ପରି ସମ୍ମୁଖ ରଣୁ ଉବୁର ନ ଯାଇଛୁ ଜଣେ । ବୃଥା ଝାଣ ନ କରରେ ତୁହ ଶୁଣ ଯାହା କହୁଅଛୁ ମୁହିଁ ।

ଗୀତ (ଭଣନ୍ତା ମୋ ବୋଲ କର ବୃତ୍ତେ)

ଅରେ ଅରେ ବଣ ଭାଲୁ, କମ୍ପା ଏସ୍ଥାନେ ଅସିଲୁ, ପିଠି ତୋ କଲଣି ଚଲୁ କାହିଁ ତୋର ପିଅର । କାହାନ୍ତ ସହୋଦର, କେତେ କରଥିଲେ ଝାଣ, ତାଙ୍କ ଦରି ତୁ ହୋଇଲୁ । ୧ । ନାସା ତୋହର ପୋଡ଼, ବାଦ୍ଧ ଚର୍ମ ଦଉଡ, ଘୋଷାଡ଼ବ ଦାଣ୍ଡେ ଘେନ ହେଉଥିବୁ କାଲୁବାଲୁ । ୨ । ରଖ ବଞ୍ଚିବା ସାହସ, ମରଣେ ତୁ କର ଆଶ, ଭାଷଇ ଗୋଟଲେଖ ଆସି, ସମ୍ମୁଖେ ପଡ଼ିଲୁ । ୩ ।

ଯୁବଯୁଦ୍ଧେ ସ୍ନେହବଶୁର ମୃତ୍ୟୁ ।

(ନରଷ୍ଣିକଶୁର ପ୍ରବେଶ)

ନର—ରହ ରହ ନରାଧମେ, ବଣୁ ଖାରେ ବନାଶି ତାରଣେ ହରଛ ଜୟ ପତକା ଉଡ଼ାଇବୁ କବେ, ଛୁଡ଼ ସେହୁ ବୁଦ୍ଧି ମରିବାକୁ ହୁଅରେ ପ୍ରସ୍ତୁତ ।

ଗୀତ—(ଛୁଡ଼ ଚଡାଇଛି ତୋର ଏତେ ବଢ଼ାଇରେ-ବୃତ୍ତେ)

ରହରେହରେ ପାମର ଯାଉ କେଣିକରେ । ଜାବଲୁ ଅସ ତୋହର ଛୁଡ ଏଣି କରେ । ପଦ । ଟିକ ଟିକ ମାଂସ ତୋର,କାଟି

GPNanda Colln., Digitized by srujanika@gmail.com

କ୍ଷେପିବ ଉଦର, ପିତା ସହୋଦର ଦୁଃଖ ହେବ ପାଣିକରେ ।୧। ମନମତ୍ତ ନନ୍ଦବାଳ, ଆସି ପଶିଲା ତୋ କାଳ, ହୃଦେ ବନ ଫୁଲମାଳ, ଦେଖା ଠାଣିକରେ । ୨ । ମାଡ଼ଖିଆରେ ଅକ୍ଷତ, ପାରିମା ବୁଦ୍ଧିକି ଗୁଡ଼, କର ଇଷ୍ଟଚିନ୍ତା ଗୋଟିଲକ୍ଷ ଭଣିକରେ ।୩।

କୃଷ୍ଣ—ହା ହା ହା ! ରେ ପାମର ଉର୍ଯ୍ୟନା କରୁଣ ଯେତେ ଧିକ୍କାରିଲୁ ମୋତେ ନାହିଁ ତିଳେ ଶୋଚନା, ତହିଁରେ ଶୁଣ କର୍ଣ୍ଣଦେଇ ଯାହା କହୁଅଛୁ ମୁହିଁ ।

ଗୀତ (ଅରେ କର୍ଣ୍ଣ ହେଲା କରନା—ବୃତ୍ତେ)

ରେ ରାକ୍ଷସ ହେଲା ନକର, ରଖି ତୋ ବଡ଼ିମାପଣ କର, ଡରରେ ସମର ହେଲା ନକର । ଶମନ ପଥ ଗୃହିଁ ତୋତେ ଅଛିରେ ରହି, ଯିବାକୁ ହୁଅ ପ୍ରସ୍ତୁତ ଦେଖ ସଞ୍ଜିବନୀ ପୁର । ୧ । କାହାନ୍ତିରେ ସୋଦର, କାହିଁ ତୋର ପିଅର, ଯିବାକୁ ତାଙ୍କ ନିକଟେ କିବା ହେଉ ଅଗ୍ରସର । ୨ । କେତେ କେତେ ତୋ'ପରି ଗଲେଣି ପ୍ରାଣହାରି, ଦେଖି ଖାଉପଣ ତୋର କୁହନ୍ତି ମୁ କାତର । ୩ ।

ଯୁଦ୍ଧସ୍ଥଳେ ନରକ୍ଷ୍ମିନର ମୃତ୍ୟୁ ।

(ଦୂତ କାନ୍ଦ କାନ୍ଦ ଯାଇ ରାଜାଙ୍କୁ ଜଣାଇବା)

ଦୂତ—ହେ ଦେବ ଜଗଦ୍ଧି ଶ୍ରୀ ଖାଉବର ପ୍ରତାପୀ ନାରକାସୁର ଶୁଣିବାକୁ ହେଉ ଗୃର ଗିର ।

ନାରକା—କେ, ହୋସ୍ୟାଲ୍ ଶିଙ୍ଗ୍ ରାଜ୍ୟର ଖବର କଣ ?

ଦୂତ—ମହାରାଜ ! ହୁଁ ହୁଁ ହୁଁ

ନାରକା—କରେ କ'ଣ କଥା କ'ଣ କହ ?

ଦୂତ—ମହାରାଜ ! କହୁଛି ଶୁଣନ୍ତୁ ।

GPNanda Colln., Digitized by srujanika@gmail.com

ଦୂତ—ଗୀତ (ଭୋ ଦେବ ଖଗଧ୍ୱଜାର — ବୃତ୍ତରେ)

ଜ୍ୟୋତିଷ ପୁର ଈଶ୍ୱର, ହେଦେବ ନାରକାସୁର ଶୁଣ ଆଜ ଘଟିଅଛି ଯାହା । ପବନ ଅନଳ ନାଶି, ଅଶ୍ରୁଜଳ ମୋହଫାଶୀ, ଶଙ୍ଖ ଶବ୍ଦକରି ମୋଡ଼େ ବାହା । ଦ୍ୱାରକାରେ ତାର ଘର, ନାମ ତାର ଚକ୍ରଧର, ସଙ୍ଗେ ଜଣେ କେହି ନାହିଁ ସାହା । ଚଢ଼ି ଗରୁଡ଼ ଉପରେ, ଧନୁ ଧରି ଥାଏ କରେ, ଦେଖି ଭୟ ନୋହିବଟି କାହା । ୧ । ତାମ୍ର ଅନ୍ତରୀକ୍ଷ ବୀର, ଶ୍ରବଣ ପ୍ରବଣସୁର, ବଶୁ ବିଦ୍ୟାବସୁ ନରଷ୍ଟି ନ ଏମନ୍ତେ ସାତ ସୋଦର, ଗଲେ ସଞ୍ଜିବନୀ ପୁର ଆମ୍ଭଙ୍କ ଭ୍ରାତ ସୁରସେନ । ୨ । ମଣି-ପର୍ବତ ଅମୃତ, କୁଣ୍ଡଳ ବରୁଣ ଛତ୍ର, ଦେଇ ପାଦେ ପଡ଼ିବା ଶରଣ୍ ଅଣି ଇନ୍ଦ୍ରର ସମ୍ପଦ, ଘଟାଇଲ କ ପ୍ରମାଦ, ରଣେ ମରାଇଲ ପଣ ପଣହେ । ୩ । ସମରେ ତୁମ୍ଭଙ୍କୁ ମାରି, ସକଳ ସମ୍ପଦ ହରି, ଦେବ ନେଇ ଇନ୍ଦ୍ରର ନିକଟେ । ହେ ଜ୍ୟୋତିଷ ମହାରାଜ, ତ୍ୱରିତ କରନ୍ତୁ କାର୍ଯ୍ୟ, ନ ପକାଅ କବନ୍ଧୁ ସଙ୍କଟେ । ୪ ।

(ନାରକା ମୂର୍ଚ୍ଛାଗତ, ଦୂତ ତୋଳି ଧରିବା)

ନାରକା—ଗୀତ (ଗୁଡ଼ିଲା ଧରମରେ — ବୃତ୍ତେ)

ଆହା ଆହା ସଇ ମୋତେ ଗୁଣ୍ଡଗଲୁ କେଉଁଣରେ । ତୋ ବାହୁବଳେ ଶତ୍ରୁଙ୍କୁ ଜିଣିଛି ମୁଁ ରଣେ । ତୋ ବୁଦ୍ଧିରେ ଜୟ ମୁଁ କରିଛି ତ୍ରିପୁର, ସେହି ସବୁ ସ୍ୱର୍ଗନେବ ବନ୍ଧେ ଗାର ଧାରରେ ॥ ଥିଲୁ କୌଶଳ କରି ବାନ୍ଧିଣ ସାହସରେ । ଅସ୍ତ୍ରଗାଡ଼ି ଜଳ ସେ ଅନଳ ମୋହ ଫାଶରେ । ୩ । ଦେଖି ଦେବତା ସକଳେ ହୁଅନ୍ତି କାତରରେ । କରି ନଷ୍ଟ ମାନବାଞ୍ଛା ପଶିଲା ଭିତର ରେ । ୪ । ଆଜ ତା ହସ୍ତରେ ତୋର, ଘଟିଲା ମରଣରେ । ଚଳା କେଣେ ତୋ କୌଶଳ ଗଲା ସାର ପଣରେ । ୫ । ରଣେ ଯୋଦ୍ଧା କଲୁ ହରି

GPNanda Colln., Digitized by srujanika@gmail.com

ସାହା ଦେବୀ ମୋହନ ରେ । ତୋ ଗୁଣକୁ ଗୁଣି ହୃଦେ କାନ୍ଦବି ମୁଁ କେତେରେ । ୬ । ବସ୍ତ୍ର ଚାମ୍ଭ ଅଲଙ୍କାର ନରଷ୍ଟି ନ ପାରବେ । ଶ୍ରବଣ ପ୍ରବଣ ବଣ୍ଟୁ ବନ୍ଧ୍ୟାବଣ୍ଟୁ ମୋର ରେ । ୭ । ସମସ୍ତଙ୍କ କାଲ କି ପୂରଲା ଏକାବେଳରେ । ମାଇଲା ରଣେ ତୁମ୍ଭଙ୍କୁ ସେ ଘର ଗୋପାଳରେ । ୮ । ସାଜ ସାଜ ଦୂତ ସାଜ ମୋର ଥାଟରେ । ମାରିଲେ ଭ୍ରାତୃ ବଇରୀ ଯିବ ମନୁ କଷ୍ଟରେ । ୯ । କରୁଛୁ ନିୟମ ଧରି ମୋଡ଼ିବ ତା ମୁଣ୍ଡ । କହେ ଗୋପେଳଖ ସେ ପାଜିକଲା କେତେ କାଣ୍ଡରେ । ୧୦ ।

ଯୁଦ୍ଧସ୍ଥଳେ ନାରକାର ପ୍ରବେଶ ।

କୃଷ୍ଣଙ୍କୁ ଦେଖି ଗୀତ (ଭଣଜା ମୋ ବୋଲକର—ବୃତ୍ତେ)

ଆରେ ଆରେ ବଣ ଗୋଧି, ଅସି ବାମ ହେଲା ବିଧି, କେ ଦେଲା ତୋତେ ଏ ବୁଦ୍ଧି । ନୁହେଏ ଗୋରୁଚରଖା, ମୁଣ୍ଡେ ବାନ୍ଧଣ ଠେକା, ଛୁଡ଼ାଇ ଶିଖାକୁ ପାଜି, ଚୋରାଇ ଖାଇବୁ ଦଧି । ୧ । ମାଇଁ ସଙ୍ଗେ ପୀରତି, କରିବୁ ଦବାଗ୍ରତି, ଚୋରାଇ ଗୋପୀଙ୍କ ବସ୍ତ୍ର କଦମ୍ବ ଡାଳରେ ବାନ୍ଧି । ୨ । ନାହିଁ ତୋର ଠିକଣା, ହୋଇଲୁ ପଥ ବଣା, ଅକଣ୍ଟକ ପୁରେ ପଶି ପୁତ ସହୋଦରେ ବଧି । ୩ । ଦେଖ ତୋ ମରଣ ବାଟ, ହେଲାରେ ନନ୍ଦ ଗୃହ, ମାତା ମୁଣ୍ଡ କୋଡ଼ି ଗୁଣ ଗୁଣି ମରିବରେ କାନ୍ଦି । ୪ ।

କୃଷ୍ଣ ଗୀତ (ଅନ୍ଧହେଲୁ ବଂଶନେହେ— ବୃତ୍ତେ)

ରେ ରାକ୍ଷସ କେତେ ଖ୍ୟାସ କରୁ ପାମର । ତୋହର କଥାକୁ ତୋର ଗଲା ପାଶୋର । ପଦ । ଅସି କେତେ ଦେଖାଉ ଠାଣି, ଚୋରାଇ ନୃପତ ସୁତା ରଖିଛୁ ଅଣି, ବଞ୍ଚ ହେବୁ ବୋଲି ମନେ କରିଛୁ ସ୍ଥିର । ୧ । ପୁରନ୍ଦରେ କଲୁ ପରସ୍ତ, ଭୟେ ଲୁଚଲା

GPNanda Colln., Digitized by srujanika@gmail.com

ପଳାଇ ଯାଜ୍ଞ ବଳନ୍ତ, ଯେତେବେ ଶୈବ୍ରଇ ଆସିଛି ସମ୍ପଦ ତାର ।୨।
ରାଜାମାନ କରିଲୁ ବନ୍ଦ, ସେହି ଅନୁ ତୋତେ ବାମ ହେଲାଣି ବଧି,
ଦୁଃଖ ମରଣେ ପ୍ରସ୍ତୁତ ଗୋଲୋକ ଗିର । ୩ ।

ନାରକା ଗୀତ (ଅରେ ନରାଧମ—ବୃତ୍ତେ)

ରେ ଗୋପାଳ ଗ୍ରର, କୃଷ୍ଣକୁ ସୁମର, ନାହିଁ ତୋର ପରିତ୍ରାଣ ।
ଏହି ତୀକ୍ଷ୍ଣଶର, କାଟିବ ତୋର ଶିର, ଯେମନ୍ତ ନଷ୍ଟେ ପରାଣ ॥ ଶ୍ୱାନ
ଶିବା ଗୃଧ୍ର, ଆନନ୍ଦେ ଭଖିବେ ରକ୍ତମେଦ । ପଦ । ସାହସ ତୋ
ଏତେ, ପଶିମୋର ଗଡ଼େ, ସୁତ ସୋଦରେ ବିନାଶି । ସୈନ୍ୟ
ଲକ୍ଷ ଲକ୍ଷ, ରଣେ ମାରି ମୂର୍ଖ, କ ଯଶ ଅର୍ଜିଛୁ ଆସି ॥ କଲୁ
ମନ୍ଦକୃତ୍ୟ, ତୋ କାଳ ପୂରିଲାରେ ନନ୍ଦସୁତ ।୧। ଭରସା କାହାର,
ପାଇରେ ପାମର, ଆସି ପଶିଲୁ ଏ ସ୍ଥାନେ । ଡାକରେ ତାହାକୁ,
ଆଶା ତୋ ଯାହାକୁ, ହୋଇ ରଖିବ ଜୀବନେ । ଆଉ ବେଳନାହିଁ
ମଟ ମଟ କର୍ମା ଅଛୁ ଗୃହିଁ । ୨ । ନରଖିବେ କେହି, ଅସି
ମୋହ କରୁ, ସୁଖେ ଚଳ ସଞ୍ଜିବନୀ । ଗ୍ରର ବାସବର, ହୋଇ ଭୃ
ଗୃକର, ନ ପାରୁଛୁ ମୋତେ ଚହ୍ନି ॥ ପଡ଼ିଲୁ ସଙ୍କଟ, କହେ
ଗୋଲୋକ ନାହିଁ ତୋ ରକ୍ଷା ବାଟ ।

(ନାରକାର କୃଷ୍ଣସହ ଯୁଦ୍ଧ, ଏକଘ୍ନି ଶକ୍ତି ପ୍ରହାର, ଶ୍ରୀକୃଷ୍ଣ
ଅଚେତା ହେବା ଦେଖି, ହିଶୂଳ ଧରି ନାରକାର ଗୀତ ।)

(ଗ୍ରର ଚଣ୍ଡାଳିଆ—ବୃତ୍ତେ)

ମରରେ ପାମର ପାଜ ପଡ଼ ମରରେ, କହୁଥିଲୁ ବଡ଼ିକଥା ବାର
ବାରରେ । କେତେ ସାହସ ତୋହର, ମାରିଲୁ ସବଂଶ ମୋର,
ଲକ୍ଷ ଲକ୍ଷ ସୈନ୍ୟ ହତ କଲୁ ଗ୍ରରରେ । ୧ । ଗାରିମା ଆଜ
ତୋହର, ଗଲା ଭାଙ୍ଗିରେ ପାମର । ଶ୍ୱାନ ଶିବା ଗୃଧ୍ର ମୁଖେ
ହେଲୁ ଅହାରରେ । ୨ ।

GPNanda Colln., Digitized by srujanika@gmail.com

ଗରୁଡ଼—ରେ ପାମର ରାକ୍ଷସ କୁଳାଙ୍ଗାର ରଖ ତୋ ବଡ଼ିମାପଣ ଦୂରେ, ମୋତେ ପକାଇ ପ୍ରଭୁଙ୍କୁ କହୁଛୁ ବଡ଼ାଇ, ମୋହ-କରୁ ନ ବର୍ତ୍ତିବୁ ଆଉ ଦେଖ ପକ୍ଷଘାତେ ତୋତେ କରିବ ବିନାଶ, କର ଯୁଦ୍ଧରେ ଗର୍ଜ୍ଜନ ଛାଡ଼ ।

ନାରକାର ଗୀତ ।

ଗର୍ଜ୍ଜି ଚଢ଼ାଇ ଭୁରୁ, ମୁଖେ ତୋର ଲାଜ ନାହିଁ, ଧରୁ ଛେଦିବ ଖଡ଼୍ଗେ ତେଣୁ ତୋହର ଶିରେ । ୩ । ସମ୍ଭାଳ ଏହି ତ୍ରିଶୂଳ ଅରେ ଅରେ ନନ୍ଦବାଳ, ଜାଣି କମ୍ପା ସର୍ପବଳେ ଦେଲୁ କଣ୍ଠରେ । ୪ ।

 କୃଷ୍ଣ—ରହ ମୂର୍ଖ ଚକ୍ରେ ଦେଖ ଛେଦିବି ତୋ ଶିର, ରଣେ ଦୁଷ୍ଟ ହୁଅ ଅଗ୍ରସର ।

ନାରକା—ରେ ଗର୍ଜ୍ଜନ କରି ଭୁରୁ ବାନ୍ଧୁଛୁ ସାହସ, ବିନାଶିବୁ ରଣେ ସେ କମନ୍ତେ ନାହିଁ ମୋର ଭୟ ରଣ ରଙ୍ଗେ ହୁଅରେ ପ୍ରସ୍ତୁତ ।

କୃଷ୍ଣ—ତେବେ କର ଯୁଦ୍ଧ ?

(ନାରକାର ମୃତ୍ୟୁ ଭୂମିରେ ପ୍ରବେଶ)

ଦୂ—ଯେଯବାପା-ପ୍ରଣାମ ଶ୍ରୀପଦେ ।

ଭୂମି—କରେ ଦୂତ କଥା କଣ, କାନ୍ଦୁଛୁ କାହିଁକି ।

ଦୂତ—ଆପଣଙ୍କର ପୁତ୍ର ଓ ନାତି ସମସ୍ତେ ମଲେଣି ।

ଭୂମି—ଦୂତ କଣ କହିଲୁ, ପୁତ୍ର ନାତି ମଲେଣି ତୋର ଏ ଉପହାସ କଥା କଦାପି ଛୁଡ଼ଯାଏ ନା ।

ଦୂତ—ଯେଯବାପା ପ୍ରକୃତରେ ମରିଛନ୍ତି ।

ଭୂମି—ରେ ଦୂତ ଏ ତ୍ରିପୁରକୁ ଯେ ଜୟ କରନ୍ତି କାର ଏତେ ଗର୍ବ ତାଙ୍କୁ ବିନାଶ କରିବ, କି ଅସମ୍ଭବ କଥା କହୁଛୁ ।

GPNanda Colln., Digitized by srujanika@gmail.com

ନାରକାସୁର ବଧ ।

ଦୂତ—ଦ୍ୱାରକାର ଅଧିପତି ଯେଉଁ କୃଷ୍ଣଚନ୍ଦ୍ର ।

ଭୂମି—ଦୂତ ଦ୍ୱାରକାର କୃଷ୍ଣଚନ୍ଦ୍ର ବିନାଶ କଲେ ତାଙ୍କର କି ଦୋଷ କରିଥିଲେ, ହାୟ୍ ହାୟ୍ ।

(ଭୂମିର ଶୋକ ଗୀତ-କହ ଗୁରୁ ବୃତ୍ତେ)

ଆହାରେ ମନ୍ଦ ଦଇବ, କି କଲୁ କି କଲୁରେ, ଏ ଅଭାଗା କର୍ମେ ଆଣି କି ଦୁଃଖ ଲିହିଲୁରେ । ଅର୍ଜିଲୁ କି ଯଶ, ସମୂଳେ ମୋ ବଂଶ କଲୁ ନାଶ ।୧। ବାଳୀକୁଳ ମିଳି ସର୍ବେ କରନ୍ତି ରୋଦନରେ । ଆହା ପ୍ରାଣନାଥ ଆମ୍ଭ ଜୀବର ଜୀବନରେ, କାହା ମୁଖ ଚାହିଁ କଟାଇବୁ ଦିନ ଏଥି ରହି ।୨। ଶୁଣିଣ ତାଙ୍କ ରୋଦନ, କେ ଧୈର୍ଯ୍ୟ ଧରିବରେ, ନ ଦେଖନ୍ତି କେବେ ଏହା ତେଜସ୍ୱୀତା ଜୀବରେ, ବୃଦ୍ଧକାଳେ ମନ୍ଦ କର୍ମ୍ମ ଘଟାଇଲୁ ହେ ଗୋବିନ୍ଦ ।୩। କି ଗୁରୁ ସମ୍ପଦ ଲାଗି, ତେଜିଲି ଜୀବନରେ, ରଖି କି ହୋଇବ ତାହା ନାହିଁ ପ୍ରୟୋଜନରେ । ଯେବେଗଲା ଦୂତ ଦେବା ନେଇ ପ୍ରଭୁଙ୍କ ଅଗ୍ରତ ।୪।

କଥା—ଆଉ ମୋର ତାରଣ ନାହିଁ, ଯାଉଛି ତାଙ୍କ ପାଦରେ ପଡ଼ିବି ଶରଣ ।

(ନାରକା ପୁତ୍ର ଭଗଦତ୍ତର ପ୍ରବେଶ)

ଭ—ଯେଜବାପା କାନ୍ଦୁଛ କାହିଁକି କଣ ହୋଇଛି କି ?

ଭୂ—ବାପରେ ତୋର ପିତା ଖୁଡ଼ୁତା ଭାଇ ଏ ସମସ୍ତେ ମଲେଣି ।

ଭ—ଯେଜବାପା ସତ କହୁଛ ତାଙ୍କୁ କିଏ ସେ ମାରିଲା ।

ଭୂ—ବାପରେ କୃଷ୍ଣଚନ୍ଦ୍ର ବିନାଶ କଲେ ।

ଭ—ଯେଜବାପା କୃଷ୍ଣଚନ୍ଦ୍ର କିଏ ତାଙ୍କ ଘର କେଉଁଠି ।

ଭୂ—ବାପରେ ଦ୍ୱାରକାରେ ତାଙ୍କର ଘର ।

ଭ—ଯେଜବାପା ଆଉ କଣ ମୋର ବାପା ନାହାନ୍ତି ।

GPNanda Colln., Digitized by srujanika@gmail.com

(ହାୟରେ ବିଧାତା ହାୟ ହାୟ)
(ଭଗବତ ଗୀତ–ଏ ବିପଦେ ରଖ ପଦେ–ବୃତ୍ତେ)

କେଉଁଣେ ଗଲ ପିଅର ହେ, ନଥ ଏ କୁମରେ ତୋର, କବା ଏହି ଦାସ ଦୋଷୀ ହୋଇଛୁ ପଦେ ତୁମ୍ଭର । ୧ । ମୋଠାରେ ଏତେ ନିର୍ଦ୍ଦୟା ନୋହିଲ ତୁମ୍ଭର ଦୟା, କେତେ ସ୍ନେହ କରିଥିଲ ସେ ସବୁ ଗଲା ପାଶୋର । ୨ । କେ ଖୋଇବ ମିଷ୍ଟଅନ୍ନ, ସନ୍ତୋଷ କରି ମୋମନ, କର୍ମା ଜର୍ଜ୍ଜ ଜୀବନ ଗୁଡ଼ି ନ ଯାଉଛୁ ମୋର ।୩। ନ ଦେଖିବା ଯାଏ ମୋତେ ନଚୁରଇ କଣ୍ଟୁତୋତେ ଏବେ ନିଶ୍ଚିନ୍ତେ ରହିଲୁ ତା ସୁତେ କରି ଅନ୍ତର । ୪ ।

ଭୂ—ବାପରେ ଯିବା ଗୁଲ ପ୍ରଭୁଙ୍କ ନିକଟେ କରିବୁ ପ୍ରଣାମ ତାଙ୍କ ପାଦପଦ୍ମେ ତୁହି ଦୟା ତୋତେ କରିବେ ମାଧବ ଅଉ କାନ୍ଦ ନାହିଁ ବତ୍ସ ।

ଦୂତରେ–ଘେନଗୁଲ ସକଳ ସମ୍ପଦ, ଦେବା ନେଇ ପ୍ରଭୁଙ୍କ ନିକଟେ, ମଣିଗିରି ଅମୃତକୁଣ୍ଡଳ ବରୁଣ ଛତ୍ରକୁ ଅସ ଶିଘ୍ର ଘେନ, ଯାଉଛୁ ମୁଁ ଆଗ ପୁଷ୍ପହାର ଘେନ ଧୂପ ଦୀପ ନଇବେଦ୍ୟ, ପୂଜିବ ପ୍ରଭୁଙ୍କୁ, ଅସ ବତ୍ସ ପ୍ରଭୁଙ୍କ ନିକଟେ ।

ଭୂମି––ପ୍ରଭୋ ପ୍ରଣାମ ଶ୍ରୀପଦେ ଘେନାକର ଗାନତ ମୋହର ।

(ପୁଷ୍ପହାର ଦେବା)

କୃଷ୍ଣ–କ ଦୁଃଖ ପ୍ରକାଶକର, ଭୂମି ।

(ଭୂମିର ସ୍ତୁତି–ଶ୍ରେଣିପୁର ।)

ନମସ୍ତେ ଶ୍ରୀଆଦମୂଳ–ସଂସାର ତୋହର ଖେଲ, ଉଶ୍ୱାସିବୁ ସ୍ୱରଭର ଜନମ ତୋର । ଅଶେଷ ମହିମା ଯାର, କେ ଅନ୍ତ ପାଇବ ତୋର, ଯା ନାମ ଜପନ୍ତି ମୁନି ବ୍ରହ୍ମା ସଙ୍କର । ସେହି ପଦେ କରୁଛୁ ଅଣ କୃପାକର କୃପାମୟ ମୁଁ ତୋର ଦାସ । ୧ । ମରିଇଲୁ ମୋର ବଂଶ,ନାହି ଜଣେ ଅବଶେଷ,ଅଣ୍ଡୁକୁଡ଼ା ହେଲ ବୃଦ୍ଧକାଳରେ ମୁହିଁ ।

GPNanda Colln., Digitized by srujanika@gmail.com

ସୁନ୍ଦ ନାଶ କର ନାଶ କର୍ମା ରଖିଛୁ ଏ ଦାସ, ନହେଲୁଛ ଚହେ ଶିର ରହନ୍ତ ତାହ୍ୱ । ବୈକୁଣ୍ଠକୁ ଯିବ ସୁଖରେ, ଯାଣ୍ଟି ହେଉଥିବି କର୍ମା ରହ ନଗରେ ।୨। ଏ ଅଟେ ନାରକାସୁତ, ହେ ପ୍ରଭୁ ହେଲ ଅନାଥ, ସୁଦୟା କର ତୋହର ଦେହ କଙ୍କରେ । ମସ୍ତକେ ଦଅ ଚରଣ, ଲଭୁ ରାଜ ସିଂହାସନ, ଦୟାନିଧି ନାମ ବହଅଛ ସଂସାରେ । ଏକ ଦାସ ନୋହେ ତୁମ୍ଭର । ଗୋପୀଲେଖକୁ କର ତୋର ପଦ ସ୍ୱୀକର । ୩ ।

ଭୂ—ପ୍ରଭୋ ! ସମର୍ପିଲି ଶ୍ରୀଗ୍ରୀମୁରେ ମଣି ଗିରି ବରୁଣଛତ୍ର ଅମୃତ କୁଣ୍ଡଳ ଯେନ ପ୍ରଭୁ ସୁଦୟା ଶରରେ । ଥରେ କୃପାଦୃଷ୍ଟି ହେଉ ଏ ଦାସର ଗୃହେ ।

କୃଷ୍ଣ – ଭୂମି ଦେଲ ମସ୍ତକରେ ହସ୍ତ ଥର । ସମସ୍ତ ଦୁଃଖ ମନରୁ କରିଦଅ ଦୂର । ଆଜଠାରୁ ଜ୍ୟୋତିଷ ନବରେ ହେଲ ଅଧୀଶ୍ୱର । ନାମ ଥର ହେଲ ଭଗଦତ୍ତ । ଭୂମି ଥାଅ ରହି କଣ୍ଟଦନ ଜ୍ୟୋତିଷ ନବରେ । ଅନ୍ତିମରେ ଚଳିବୁ ତୁ ବୈକୁଣ୍ଠ ଭବନ ।

(ଭୂମି—କୃଷ୍ଣ ଉଭୟଙ୍କ ଗୀତ)

(କୀର୍ତ୍ତନ ସୁର)

ଶ୍ରୀକୃଷ୍ଣଙ୍କ ବାଣୀ ଭୂମି, ଶୁଣିଣ ହରଷ, ପ୍ରେମଭରେ ଗଦ ଗଦ ହୋଇଲା ବିଶେଷ ।୧। କରଯୋଡ଼ି ବୋଲେ ହରି ସୁଦୟା ବହଣ । ମୋରଗୃହେ କଣ୍ଟଦନ ରହନ୍ତୁ ଆପଣ । ୨ । ଶ୍ରୀହରି ବୋଲନ୍ତି ଭୂମି ଶୁଣ ମୋ ଉତ୍ତର । ଆଜକ ରହିବୁ ଆମ୍ଭେ ତୋହର ନବର ॥ ପ୍ରଭାତ ହୋଇଲେ ଇନ୍ଦ୍ରବାସ ଚଳିଯିବୁ । ତାହାର ସମ୍ପଦ ଦେଇ ଦ୍ୱାରକା ଫେରିବୁ । ୪ । ଭୂମି ଗୃହେ ଶ୍ରୀହରି ଯେ ହରଷେ ରହିଲେ । ଅହିଅ ନାରୀମାନେ ଯେନ୍ତୁ ହୁଳହୁଳି ଦେଲେ । ୫ । ହରି ହରି ବୋଲି ସବେ ହେଲେ ପ୍ରେମଭର । କହେ ଗୋଲେଖ ନାଟକ ହୋଇଗଲା ସାର । ୬ ।

ସ ମା ପ୍ତ ।

Printed by H. K. Das, Chandrodaya Press, Cuttack.

GPNanda Colln., Digitized by srujanika@gmail.com

ସଙ୍ଗୀତ ନୂଆ ପ୍ରେମ-ତରଙ୍ଗ

ମୂଲ୍ୟ ଚଉଦ ପଇସା ମାତ୍ର ।

ସଙ୍ଗୀତ ପ୍ରେମ-ଫୁଲହାର ।

ମୂଲ୍ୟ ଚଉଦ ପଇସା ମାତ୍ର ।

ସଙ୍ଗୀତ

ସୁନାହାର

ମୂଲ୍ୟ ଚଉଦ ପଇସା ମାତ୍ର ।

ସଙ୍ଗୀତ ନୂଆ କଣ୍ଠହାର

ମୂଲ୍ୟ ଚଉଦ ପଇସା ମାତ୍ର ।

ସଙ୍ଗୀତ ବନଫୁଲହାର

ମୂଲ୍ୟ ଚଉଦ ପଇସା ମାତ୍ର ।

GPNanda Colln., Digitized by srujanika@gmail.com